ଧରିତ୍ରୀ
DHARITRI
October 20-26, 2024 ₹ 2/-
ଧରିତ୍ରୀ 50 Years

# ଛୁଟି ଦିନ

# ସବୁଜିମାର ସ୍ୱପ୍ନ

ସୁସ୍ଥ ପରିବେଶ ସହ
ସବୁଜିମା ଫେରାଇ
ଆଣିବାକୁ ଅଣ୍ଟା ଭିଡୁଛନ୍ତି
ଏବେ ପରିବେଶ ପ୍ରେମୀମାନେ।
ସେମିତି କେତେଜଣଙ୍କ
ସମ୍ପର୍କରେ...

ପ୍ରଚ୍ଛଦ ପ୍ରସଙ୍ଗ ୩



# ବାସ୍ତୁଦୋଷ ଦୂର କରିବା ପାଇଁ

**କୁହାଯାଏ, ଘରେ କୌଣସି ବାସ୍ତୁଦୋଷ ଥିଲେ ଅନେକ ପ୍ରକାରର ଅଶାନ୍ତି ଉପୁଜିଥାଏ। ତେଣୁ ଏହି ବାସ୍ତୁଦୋଷକୁ ସହଜରେ କିପରି ଦୂର କରିହେବ ଜାଣନ୍ତୁ ସେ ସମ୍ପର୍କରେ...**

* ଘରର ବାସ୍ତୁଦୋଷ ଦୂର କରିବାକୁ ଐଶାନ୍ୟ କୋଣରେ କଳସ ସ୍ଥାପନ କରିପାରିବେ। କୁହାଯାଏ, କଳସ ହେଉଛନ୍ତି ବିଘ୍ନ ବିନାଶକ ପ୍ରଭୁ ଗଣେଶଙ୍କର ଏକ ସ୍ୱରୂପ। ତେଣୁ କଳସ ସ୍ଥାପନା କଲେ ଘରର ପରିସ୍ଥିତିରେ ଅନେକ ସୁଧାର ଆସିଥାଏ ବୋଲି ବିଶ୍ୱାସ ରହିଛି।

* ଘରର ମୁଖ୍ୟ ଦ୍ୱାରରେ ସିନ୍ଦୁରରେ ସ୍ୱସ୍ତିକ ଚିହ୍ନ କରିବା



ମଧ୍ୟ ଶୁଭଫଳ ଦେଇଥାଏ। ଧ୍ୟାନ ରଖିବେ ଏହି ସ୍ୱସ୍ତିକ ଚିହ୍ନ ଯେପରି ୯ ଆଙ୍ଗୁଳି ଲମ୍ବା ଓ ୯ ଆଙ୍ଗୁଳି ଚଉଡ଼ା ବିଶିଷ୍ଟ ହେଉଥିବ। କୁହାଯାଏ, ଏହି ଚିହ୍ନର ପ୍ରଭାବରେ ଘରୁ ନକାରାତ୍ମକ ଉର୍ଜ୍ଜା ହ୍ରାସ ପାଇଥାଏ।

* ବାସ୍ତୁଶାସ୍ତ୍ରରେ ଘୋଡ଼ା ନାଲର ବି ଅନେକ ଗୁରୁତ୍ୱ ରହିଛି। କୁହାଯାଏ, ଏହି ନାଲକୁ ଘରର ମୁଖ୍ୟଦ୍ୱାର ନିକଟରେ ଟଙ୍ଗାଇଲେ ବାସ୍ତୁଦୋଷ ଦୂର ହେବା ସହ ସୌଭାଗ୍ୟ ପ୍ରାପ୍ତି ହୋଇଥାଏ।

* ଘରର ମୁଖ୍ୟଦ୍ୱାର ଯଦି ଦକ୍ଷିଣ ମୁହାଁ ହୋଇଥାଏ, ତା'ହେଲେ ପ୍ରବେଶ ଦ୍ୱାର ନିକଟରେ ପଞ୍ଚମୁଖୀ ହନୁମାନଙ୍କର ଫଟୋ ଲଗାଇବା ଶୁଭ ହୋଇଥାଏ। ସେହିପରି ପଞ୍ଚଧାତୁରେ ତିଆରି ପିରାମିଡ୍‌କୁ ବି ମୁଖ୍ୟଦ୍ୱାର ନିକଟରେ ରଖିଲେ ଶୁଭଫଳ ମିଳିଥାଏ ବୋଲି ବିଶ୍ୱାସ ରହିଛି।

* ଘରର ପଶ୍ଚିମ କିମ୍ବା ଉତ୍ତର-ପଶ୍ଚିମ କୋଣରେ ଝାଡ଼ୁ ରଖିପାରିବେ। କିନ୍ତୁ ଉତ୍ତର-ପୂର୍ବ କିମ୍ବା ଦକ୍ଷିଣ-ପୂର୍ବ ଅଥବା ପୂଜା ଘରେ ଝାଡ଼ୁ ରଖିବା ଆଦୌ ଶୁଭ ନୁହେଁ। ଏହା ବାସ୍ତୁଦୋଷ ଓ ଅଶାନ୍ତିକୁ ଡାକି ଆଣିଥାଏ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଅକ୍ଟୋବର ୨୦-୨୬

**ମେଷ**
ସ୍ୱାସ୍ଥ୍ୟ ସମସ୍ୟା ସୁଧୁରି ଯିବ, କାମରେ ସଫଳତା ପାଇବେ, ମୂଲ୍ୟବାନ ଦ୍ରବ୍ୟ ପାଇବେ, ସାମୟିକ ଖୁସି ରହିବେ, ପ୍ରତିବନ୍ଧକକୁ ସାମନା କରିବେ, ରାଜନୈତିକ ଆଲୋଚନା କରିବେ, ଭ୍ରମଣ ସୁଯୋଗ ଜୁଟିବ ॥

**ବୃଷ**
ସମସ୍ୟାର ସରଳ ସମାଧାନ, ଦ୍ରବ୍ୟ ଲାଭରୁ ଆନନ୍ଦ, ନୂତନ କର୍ମାରମ୍ଭ କରିବେ, ସ୍ୱାସ୍ଥ୍ୟରେ ଉନ୍ନତି, ଲୋକପ୍ରିୟତା ବଢ଼ିବ, ସାମାଜିକ ସ୍ତରରେ ପ୍ରଶଂସା, ପରିବାରରେ ଭୁଲ୍ ବୁଝାମଣା, ପଡୋଶୀଙ୍କ ପ୍ରେରଣା, ମାନସିକ ଆଶ୍ୱସ୍ତି ପାଇବେ, କାମ ହାସଲରେ ବ୍ୟସ୍ତତା, ବ୍ୟବସାୟିକ ଉତ୍କର୍ଷ ॥

**ମିଥୁନ**
କର୍ମକ୍ଷେତ୍ରରେ ପ୍ରଶଂସା, ନୂତନ ଦାୟିତ୍ୱ ନେବେ, ସମ୍ପର୍କୀୟଙ୍କ ସହ ମିତ୍ରତା, ବସ୍ତ୍ରଭୂଷଣ ପ୍ରାପ୍ତି, ସୁଖଭ୍ରମଣ କରିବେ, ଗୃହରେ କଳହ ସୃଷ୍ଟି, ବନ୍ଧୁ କ୍ଷୁବ୍ଧ ହୋଇପାରନ୍ତି, ମାନସିକ ସ୍ଥିରତା ରହିନପାରେ, ଯାତ୍ରା ସଫଳ ହେବ, ଶିଳ୍ପବାଣିଜ୍ୟରେ ଉନ୍ନତି ॥

**କର୍କଟ**
କର୍ମକ୍ଷେତ୍ରରେ ବିବାଦ, ସମାଲୋଚିତ ହେବେ, ଅଭାବ ଲାଗିରହିବ, ବନ୍ଧୁଙ୍କ ପରାମର୍ଶ ମିଳିବ, ଉଚ୍ଚ ସମ୍ମାନ ପାଇବେ, ମାଙ୍ଗଳିକ କାମର ପ୍ରସ୍ତୁତି, ଶାନ୍ତି ଓ ସ୍ଥିରତା ଫେରିବ, ବିବାଦରୁ ଦୂରେଇ ରହିଲେ ମନ ପ୍ରଫୁଲ୍ଲ ରହିବ ॥

**ସିଂହ**
ସ୍ୱାସ୍ଥ୍ୟରେ ଉନ୍ନତି, ବନ୍ଧୁ ସମ୍ପର୍କରେ ଉନ୍ନତି, କଳାପ୍ରିୟ ହେବେ, ଅତିଥି ଚର୍ଚ୍ଚାରୁ ଆନନ୍ଦ, କାର୍ଯ୍ୟ ସମ୍ପୂର୍ଣ୍ଣ କରିବେ, ଅର୍ଥ ଲାଭ ଅବଶ୍ୟମ୍ଭାବୀ, ପରିବାରରେ ଭୁଲ୍ ବୁଝାମଣା, ଆଶା ପୂରଣ ହେବ, ମାଲିମକଦ୍ଦମାରେ ବିଜୟ ॥

**କନ୍ୟା**
ବନ୍ଧୁଙ୍କ ସଦ୍‌ଭାବ, ଯାତ୍ରାରେ ସଫଳତା, କାମ ଅଟକିବ ନାହିଁ, ଅଧ୍ୟାପନାରେ ଉନ୍ନତି, ଆତ୍ମୀୟଙ୍କ ଅନାଦର, ଦୁର୍ଭାବନା ବଢ଼ି ଚାଲିବ, ବାଣିଜ୍ୟରେ ପ୍ରତିବନ୍ଧକ, ଦୂରଯାତ୍ରାର ଯୋଜନା କରିବେ, ସହକର୍ମୀଙ୍କ ଅସହଯୋଗ, ଶ୍ରମଜନିତ କ୍ଲାନ୍ତିବୋଧ ॥

**ତୁଳା**
ସ୍ୱାସ୍ଥ୍ୟ ଭଲ ରହିବ, ନୂତନ କାର୍ଯ୍ୟାରମ୍ଭ, ବନ୍ଧୁମାନଙ୍କ ସାହାଯ୍ୟ ସହଯୋଗ, ସୁସ୍ଥ ମାନସିକତା, ଦ୍ୱନ୍ଦ୍ୱର ଅବସାନ, ବ୍ୟବସାୟିକ ସଫଳତା, ଲୋକସମ୍ପର୍କ ବୃଦ୍ଧି, ଫଳପ୍ରଦ ଆଲୋଚନା, ପରିବାରରେ ବିତର୍କ ସୃଷ୍ଟି , ବନ୍ଧୁ ସମ୍ପର୍କ ହାନି ॥

**ବିଛା**
କର୍ମକ୍ଷେତ୍ରରେ ଗୌରବ, ଅର୍ଥ ଓ ସମ୍ମାନ ଲାଭ, ଆତ୍ମୀୟଙ୍କ ଅନାଦର, ପାରିବାରିକ କଳହ, ସୁଯୋଗ ହାତଛଡା ହୋଇପାରେ, ସାମାଜିକ ସମସ୍ୟା, ଅଭାବ ଅନଟନ ଲାଗିରହିବ, ପରିସ୍ଥିତିକୁ ସମ୍ଭାଳି ନେବେ, ଆମୋଦ ପ୍ରମୋଦର ମଉକା, କର୍ମମୁଖର ହେବେ ॥

**ଧନୁ**
ପରିବାରସହ ଯାତ୍ରା, ଯୋଜନା ବଦ୍ଧ କର୍ମାରମ୍ଭ, ବନ୍ଧୁଙ୍କ ସାହାଯ୍ୟପ୍ରାପ୍ତି, ଭ୍ରମଣ ସୁଯୋଗ ପାଇବେ, ପରିବାରର ସମର୍ଥନ ଲାଭ, ସମସ୍ୟାକୁ ସୁଧାରି ନେବେ, ମନଟା ବିଗିଡି ଯାଇପାରେ, ସ୍ତ୍ରୀଙ୍କ ଅଭିଯୋଗ, ଟେନସନ୍ ବଢ଼ିଯିବ, ଠକାମିରେ ପଡିପାରନ୍ତି ॥

**ମକର**
ମାନସିକ ଅସ୍ଥିରତା, ଭ୍ରାତୃସମ୍ପର୍କ ବୃଦ୍ଧି, ଯାନବାହନ ନବୀକରଣ, ସନ୍ତାନ ହେତୁକ ଦ୍ୱନ୍ଦ୍ୱ, ରୋଗପୀଡା କମିଯିବ, ପ୍ରତିଯୋଗୀତାରେ ସଫଳତା, ପଡୋଶୀଙ୍କ ଅପପ୍ରଚାର, ପ୍ରଶାସନିକ ତତ୍ପରତା, କ୍ରୀଡା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ, ପରିବହନରେ ଝଗଡା ॥

**କୁମ୍ଭ**
ବିବାଦୀୟ ପରିସ୍ଥିତି, ପ୍ରତୀକ୍ଷିତ ଖବର ପାଇବେ, ବୃଥା ସନ୍ଦେହ କରିପାରନ୍ତି, ବ୍ୟବହାରରେ ପରିବର୍ତ୍ତନ, ବକେୟାଅର୍ଥ ଆଦାୟ, ଡାକ୍ତରଙ୍କ ପରାମର୍ଶ, ନୂତନ କାର୍ଯ୍ୟାରମ୍ଭ, ସମସ୍ୟାର ସମାଧାନ, କଚେରୀ ମାମଲାରେ ବିଜୟ ॥

**ମୀନ**
କାର୍ଯ୍ୟସିଦ୍ଧିରୁ ଆନନ୍ଦ, ନୂତନ ମିତ୍ରତା ସୃଷ୍ଟି, ଆର୍ଥିକ ଅନଟନ, ଆତ୍ମୀୟସ୍ୱଜନଙ୍କ ପାଇଁ ଚିନ୍ତା, ବିପଦମୁକ୍ତ ହେବେ, ଖୁସିରେ ଦିନ କାଟିବେ, ଅପ୍ରିୟସତ୍ୟ ଭାଷଣରୁ ବିବାଦ, ସମାଲୋଚିତ ହୋଇପାରନ୍ତି, ଅତିଥି ଚର୍ଚ୍ଚାରୁ ଖୁସି, ବକେୟା ଅର୍ଥଲାଭ, ଜମିଜମା କାରବାରରେ ଉନ୍ନତି ॥

# ଗୁଣକାରୀ ଅଁଳା ଗଛ



ଅଁଳା ଗଛ ଯେତିକି ପବିତ୍ର ସେତିକି ମଧ୍ୟ ଗୁଣକାରୀ। ଏହାର ଆଧ୍ୟାତ୍ମିକ ମହତ୍ତ୍ୱ ବି ଅତ୍ୟନ୍ତ ଉଚ୍ଚକୋଟୀର। କାରଣ ଏହି ଗଛରେ ସ୍ୱୟଂ ଲକ୍ଷ୍ମୀନାରାୟଣ ବାସ କରିଥାନ୍ତି ବୋଲି ବିଶ୍ୱାସ କରାଯାଏ। ପ୍ରତିଦିନ ସ୍ନାନ ସାରି ଅଁଳା ଗଛ ମୂଳରେ ଜଳ ଅର୍ପଣ କଲେ ପ୍ରଭୁ କୃପା ଲାଭ ହେବା ସହ ମା' ଲକ୍ଷ୍ମୀ ପ୍ରସନ୍ନ ହୋଇଥାନ୍ତି ବୋଲି ଲୋକବିଶ୍ୱାସ ରହିଛି। ଅନ୍ୟପକ୍ଷେ ଅଁଳାର ଔଷଧୀୟ ଗୁଣ ବି ଢେର୍ ରହିଛି। ନିୟମିତ ଅଁଳା ଖାଇଲେ ଦୃଷ୍ଟିଶକ୍ତି ପ୍ରଖର ହୁଏ। ଏହା ପାଚନ କ୍ରିୟାକୁ ସକ୍ରିୟ କରିବା ଏବଂ ସ୍ମରଣଶକ୍ତିକୁ ତ୍ୱରାନିତ କରିବାରେ ବି ସାହାଯ୍ୟ କରିଥାଏ। ସେହିପରି ଅଁଳାର ବାସ୍ତୁ ଭୂମିକା ବି ଅନେକ ରହିଛି। କୁହାଯାଏ, ଘରର ଉତ୍ତର ଦିଗରେ ଅଁଳା ଗଛ ଲଗାଇ ତାହାକୁ ପୂଜାକଲେ ସ୍ମୃତିଶକ୍ତି ପ୍ରଖର ହେବା ସହ ସନ୍ତାନମାନଙ୍କର ମଙ୍ଗଳ ହୋଇଥାଏ। ଏପରିକି ଘର ମଧ୍ୟକୁ କୌଣସି ନକରାତ୍ମକ ଶକ୍ତି ପ୍ରବେଶ କରିପାରେ ନାହିଁ। ତା'ଛଡ଼ା ଘରର ଉତ୍ତର ଦିଗରେ ଯଦି କୌଣସି ବାସ୍ତୁଦୋଷ ରହିଥାଏ, ତା'ହେଲେ ଏହି ଦିଗରେ ଅଁଳା ଗଛ ଲଗାଇଲେ ତାହା ଆପେ ଆପେ ଠିକ୍ ହୋଇଯାଏ। କିନ୍ତୁ ଏହି ଗଛକୁ ଘରର ଖୁବ୍ ନିକଟରେ ନ ଲଗାଇ ଘରଠୁ ଟିକେ ଛାଡିକି ଲଗାଇବା ଉତ୍ତମ ବୋଲି ବାସ୍ତୁଶାସ୍ତ୍ରରେ କୁହାଯାଇଛି।

# ପାଠକୀୟ

* ଶକ୍ତି ଓ ମମତା ଯଦି ଦେହ ଧାରଣା କରେ ଏବଂ ନାରୀର କାୟା ବିସ୍ତାର କରେ, ତେବେ ଅଧିକ ଦୃଢ଼ ଓ ପ୍ରଭାବଶାଳୀ ହୋଇଯାଏ ତା'ର ଗତି। କାଳକାଳରୁ ମାଆ ତା' ସନ୍ତାନର ଲାଳନ ପାଳନ ପାଇଁ ସର୍ବଂସହାର ରୂପ ନିଏ, ତା'ର ରକ୍ଷଣାବେକ୍ଷଣ ପାଇଁ ଦେବୀ ସାଜେ। ସନ୍ତାନର କ୍ଷତି କରୁଥିବା କାରକକୁ ଧ୍ୱଂସ କରିବା ପାଇଁ ସେ କେବେ ଧାରଣ କରେ ସଂହାରକାରିଣୀର ରୂପ ତ କେବେ ସାଜେ ଅମୃତମୟୀ। ତେଣୁ ଏଭଳି ଏକ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ମାତୃଶକ୍ତି' ଶୀର୍ଷକ ଆଲେଖ୍ୟଟି ବେଶ୍ ମନଛୁଆଁ ହୋଇଥିଲା। 'ଦଶହରାରେ କ'ଣ କରିବା ଶୁଭ', 'ଶେଯରେ ବସି ଖାଉଥିଲେ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ପ୍ରିୟଙ୍କା ସ୍ୱାଇଁ, ରାଉରକେଲା*

* ସୃଷ୍ଟିର କଲ୍ୟାଣ ଓ ଦୁଷ୍ଟ ସଂହାର ପାଇଁ ଦିନେ ମା' କରିଥିଲେ ଧରାବତରଣ। ଆଉ ଆଜି ବି ସମାଜ କଲ୍ୟାଣ ଏବଂ ସନ୍ତାନର ସୁରକ୍ଷା ପାଇଁ ଅନେକ ମା' ନେଉଛନ୍ତି ଗୁରୁଦାୟିତ୍ୱ। ତେଣୁ ଏଭଳି ଏକ ସମୟୋପଯୋଗୀ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ମାତୃଶକ୍ତି'ଟି ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା। ଲାଇଫ୍‌ଷ୍ଟାଇଲ୍ ପୃଷ୍ଠାରୁ 'ଗର୍‌ବା-ଦାଣ୍ଡିଆ ଲୁକ୍' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। 'ମା'' ଶୀର୍ଷକ କବିତା ପୃଷ୍ଠାଟି ବି ଖୁବ୍ ବଢ଼ିଆ ଥିଲା।

*– ଅଶୋକ ସାହୁ, ଭବାନୀପାଟଣା*

* 'ସାହା', 'ସ୍ୱୟଂସିଦ୍ଧା' ଶୀର୍ଷକ ଗପ ଦୁଇଟି ବେଶ୍ ମନଛୁଆଁ ଥିଲା। ସିନେମା ପୃଷ୍ଠାଟି ବି ଆକର୍ଷଣୀୟ ଲାଗୁଥିଲା। 'ଚକୋଲେଟ୍ ପ୍ରିୟ ଶ୍ରୁତି', 'କମେଡ଼ି କରିବେ ଆଲିୟା', 'ଆକ୍ସନ ଅବତାରରେ ମୌନି' ଆଦି ପାଠଗୁଡ଼ିକ ବେଶ୍ ମଜାଦାର୍ ଥିଲା। ସାହିତ୍ୟିକ ପ୍ରଫେସର ଅରୁଣ ଚନ୍ଦ୍ର ସାହୁଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବି ଖୁବ୍ ବଢ଼ିଆ ଥିଲା।

*– ପ୍ରଶାନ୍ତ କୁମାର ସାହୁ, ଖଣ୍ଡଗିରି, ଭୁବନେଶ୍ୱର*

* 'ଅଦ୍ଭୁତ ଉଦ୍ଭାବନ' ଶୀର୍ଷକ ପାଠଟି ଯେତିକି ଆଶ୍ଚର୍ଯ୍ୟକର ଥିଲା ସେତିକି ତଥ୍ୟପୂର୍ଣ୍ଣ ବି ହୋଇଥିଲା। ମଡେଲ୍ ମିରର୍‌ରେ ପ୍ରିୟଙ୍କା ବେଶ୍ ସୁନ୍ଦରୀ ଲାଗୁଥିଲେ। ସହରଠୁ ଦୂର ପୃଷ୍ଠାରୁ 'ମା' ଜ୍ୱାଳାମୁଖୀ ମନ୍ଦିର' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ବିବିଧା ପୃଷ୍ଠାରେ ସ୍ଥାନିତ 'ପବିତ୍ର ଶଙ୍ଖ' ଶୀର୍ଷକ ପାଠଟି ତଥ୍ୟପୂର୍ଣ୍ଣ ହେବା ସହ ଶିକ୍ଷଣୀୟ ଥିଲା।

*– ରବି କିଶୋର ପାତ୍ର, ସମ୍ବଲପୁର*

* ବ୍ୟଙ୍ଗ ପୃଷ୍ଠାରୁ 'ବଳକା ଭକ୍ତି' ଶୀର୍ଷକ ପାଠଟି ପଢ଼ି ଖୁବ୍ ଖୁସି ହେଲି। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଦେଶର ସୁନାଝିଅ', 'ମର୍ଲିନ ମୋନରୋ ଟି'ପଟ୍' ଆଦି ପାଠଗୁଡ଼ିକ ମନଛୁଆଁ ହେବା ସହ ଆଶ୍ଚର୍ଯ୍ୟକର ଲାଗୁଥିଲା।

*– ପ୍ରଣତି ବେହେରା, ରାୟଗଡ଼ା*

## ବିଶେଷ ଚିଠି




ମାତୃଶକ୍ତି ବିଷୟକୁ ନେଇ
ଥିଲା ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଦେଉଥିଲା ନୂଆ ନୂଆ ବାର୍ତ୍ତା
ମନେ ଭରି ଅପୂର୍ବ ଆନନ୍ଦ।
ଲାଇଫ୍ ଷ୍ଟାଇଲ୍ ପୃଷ୍ଠା ବି ଥିଲା
ଭାରୀ ଚମତ୍କାର,
ତା'ସାଙ୍ଗକୁ ମନ କିଣି ନେଉଥିଲା
ତୁମ ପ୍ରଥମ ରୋଜଗାର।
ସତରେ ହେ ଛୁଟିଦିନ
ତୁମେ ଲାଗ ସବୁଠୁ ଉତ୍ତମ।

*– ଶୁଭ୍ରପ୍ରକାଶ ପଣ୍ଡା, ମାଲକାନଗିରି*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795



# ସବୁଜିମାର ସ୍ୱପ୍ନ

ସହରୀକରଣ ଯେଉଁଭଳି ବଢି ଚାଲିଛି  ସେହି ଅନୁପାତରେ କମି କମି ଚାଲିଛି ବୃକ୍ଷଲତାର ସଂଖ୍ୟା । ପରିବେଶ ପାଇଁ ଏହି ଯେଉଁ ବିପଦ ଦେଖା ଦେଇଛି ସେଥିରୁ ତାକୁ ଉଦ୍ଧାର କରିବା ପାଇଁ କିଛି ପରିବେଶପ୍ରେମୀ ଅଣ୍ଟା ଭିଡ଼ିଛନ୍ତି । ଯେଉଁମାନେ କି ବୃକ୍ଷରୋପଣ, ଜଳବାୟୁ ପରିବର୍ତ୍ତନ ଜୈବବିବିଧତା ଓ ପରିବେଶ ସୁରକ୍ଷା ଆଦି କ୍ଷେତ୍ରରେ  କାମ କରୁଛନ୍ତି । ସେମିତି  କେତେଜଣଙ୍କ ସମ୍ପର୍କରେ-

**ସବୁଜ ଧରିତ୍ରୀ ପାଇଁ ଉଦ୍ୟମ:** ଏକାଧାରରେ ସେ ଜଣେ ଅଧ୍ୟାପକ, ରାଷ୍ଟ୍ରୀୟ ସମର ଶିକ୍ଷାର୍ଥୀ ବାହିନୀର ଅଧିକାରୀ, ଦୁଃସାହସୀ ଅଭିଯାତ୍ରୀ, ସାମାଜିକ କର୍ମୀ, ଚିତ୍ରକର, ପରିବେଶବିତ୍ ଓ ଇତିହାସ ଲେଖକ । ସେ ହେଲେ ଯୁବ ଅଧ୍ୟାପକ ଲ୍ୟୁଟ୍‌ନାଣ୍ଟ **ଡ. ଅକ୍ଷୟ କୁମାର ମିଶ୍ର** । ତାଙ୍କ ଘର ଚିଲିକା  ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗମ୍ଭାରୀମୁଣ୍ଡାରେ । ସେ କୁହନ୍ତି, ‘ ଦିନେ ମୋର କର୍ମଭୂମି ଥିଲା ଚିଲିକା କୂଳରେ ଗଢ଼ିଉଠିଥିବା ବାଲୁଗାଁ କଲେଜ । ୨୦୦୨ ମସିହାରୁ ଚିଲିକା ବଞ୍ଚାଅ, ପକ୍ଷୀ ବଞ୍ଚାଅ, ପରିବେଶ ସୁରକ୍ଷା ସମ୍ପର୍କିତ ବିବିଧ ପ୍ରକଳ୍ପର କାର୍ଯ୍ୟ କରିବା ସହ ପରିବେଶ ସଚେତନତା ପାଇଁ କାର୍ଯ୍ୟ କରିଥାଏ । ବାଣପୁର ଦୋଳମୁଣ୍ଡାଇ, କିମ୍ଭୀରପଡ଼ା, କୁମ୍ଭାକାର ଡିହ, ଭଗବତୀପୁର ପାଟଣା, ଇଞ୍ଜିନପୁର ସ୍କୁଲ, ଚନ୍ଦ୍ରାପୁଟ  ଆଦି ଗାଁରେ ନିଜେ ଗଛ ଲଗାଇବା ସହ ସ୍ଥାନୀୟ ଗ୍ରାମବାସୀ ଓ କଲେଜର ଛାତ୍ରୀଛାତ୍ରମାନଙ୍କ ସହଯୋଗରେ ବି ଅନେକ ଗଛ ଲଗାଇଛୁ । ଏଥିଯୋଗୁ ଗତବର୍ଷ ବାଲୁଗାଁ ମହାବିଦ୍ୟାଳୟକୁ ସମ୍ମାନ୍‌ଜନକ ପ୍ରକୃତିମିତ୍ର ସମ୍ମାନ ମିଳିଛି । ପୁଣି ବ୍ୟକ୍ତିଗତ ଭାବରେ ଚିଲିକା ଅଞ୍ଚଳରେ ଶିଶୁ, ଜାମୁକୋଳି, ଅର୍ଜ୍ଜୁନ, ଅଶ୍ୱତ୍ଥ, ନିମ୍ବ ଆଦି ବୃକ୍ଷ ଲଗାଇଥିଲି । ବୃକ୍ଷରୋପଣ, ପରିବେଶ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନ ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ୨୦୨୩ ମସିହାରେ ପ୍ରକୃତିବନ୍ଧୁ ପୁରସ୍କାର ମିଳିଛି । ପ୍ରତିବର୍ଷ ଚିଲିକା ଉପକୂଳବର୍ତ୍ତୀ ଗାଁରେ ଶୀତଦିନ ପୂର୍ବରୁ ଏବଂ ଶୀତଋତୁରେ ଚିଲିକାକୁ ଆସୁଥିବା ବିଦେଶୀ ପକ୍ଷୀଙ୍କ ସୁରକ୍ଷା ପାଇଁ ଜନସଚେତନତା କରାଯାଇଥାଏ । ଚିଲିକା ଜଳକୁ ପ୍ରଦୂଷଣମୁକ୍ତ କରିବା ପାଇଁ ପଲିଥିନ୍‌କୁ ବାରଣ କରିବା  ଓ ଚିଲିକା ଜଳକୁ ଆବର୍ଜନାରୁ ମୁକ୍ତ ରଖିବା ନେଇ ଆମ କଲେଜର ଛାତ୍ରୀଛାତ୍ରଙ୍କୁ ଏକାଠି କରି ଏକ ସାଇକେଲ ରାଲି ଓ ପଥପ୍ରାନ୍ତ ସଭାର ଆୟୋଜନ କରିଥିଲୁ । ସବୁଜ ଧରିତ୍ରୀ ପାଇଁ ମୋର ପ୍ରୟାସ ସବୁବେଳେ ଜାରି ରହିଛି ଓ ରହିବ । ଏହି ଅଞ୍ଚଳରେ ଥିବା ବିଭିନ୍ନ ପ୍ରାଚୀନ ମନ୍ଦିର ଓ ସାଂସ୍କୃତିକ କ୍ଷେତ୍ରର ସୁରକ୍ଷା ପାଇଁ କେତେକ ଗାଁରେ ଐତିହ୍ୟ ମଞ୍ଚ ଗଠନ କରାଯାଇଛି । ବର୍ତ୍ତମାନ ମୁଁ କେନ୍ଦ୍ରାପଡ଼ା ଜିଲା ରାଜନଗର ଅନ୍ତର୍ଗତ ଓଳାଭର ମହାବିଦ୍ୟାଳୟ ଇତିହାସ ବିଭାଗରେ ଅଧ୍ୟାପକ ଭାବେ କାର୍ଯ୍ୟ କରୁଛି । ଚଳିତବର୍ଷ ଏଠାରେ ମଧ୍ୟ ବନ ମହୋତ୍ସବ ଆୟୋଜନ କରାଯାଇ ବୃକ୍ଷରୋପଣ କରାଯାଇଥିଲା ।’

**ବୃକ୍ଷରୋପଣ ଦେଇଛି ପରିଚୟ-:** ବିଦ୍ୟାଳୟରେ ଶିକ୍ଷକତା କରୁଥିବାବେଳେ ସେଠାରେ ପ୍ରଥମେ ସେ ବୃକ୍ଷରୋପଣ କରିଥିଲେ । ତା’ପରେ ୨୦୧୧ ମସିହାରୁ ନିରନ୍ତର ଭାବେ  ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟ ଜାରି ରଖିଛନ୍ତି । ସେ ହେଲେ **ଲକ୍ଷ୍ମୀଧର ପ୍ରଧାନ** । ଜଣେ ଅବସରପ୍ରାପ୍ତ ଶିକ୍ଷାବିତ୍ । ସେ କୁହନ୍ତି, ‘ମୋ ବାପା ହାଲୁରୀ ପ୍ରଧାନ ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ, ମା’ ସୁନ୍ଦରୀ ପ୍ରଧାନ ଜଣେ ସାଧାରଣ ଗୃହିଣୀ । ଆମ ଘର ନୟାଗଡ଼ ଜିଲାର ଗୋପାଳପୁରରେ । ପିଲାଟିଦିନରୁ ବାପା ଓ ଭାଇ ବୃକ୍ଷରୋପଣ କରୁଥିବାର ଦେଖୁଥିଲି । ସମୟକ୍ରମେ ମୁଁ ମଧ୍ୟ ଅନୁପ୍ରାଣିତ ହେଲି । ୧୯୮୭ରେ ଶିଶୁ ଅନନ୍ତ ମହାବିଦ୍ୟାଳୟରେ ବିଜ୍ଞାନ ଅଧ୍ୟାପକ ଭାବେ ଯୋଗଦେଲି । ୧୯୯୯ରେ ରାମଚଣ୍ଡୀ ମହାବିଦ୍ୟାଳୟ, ୨୦୦୧ରେ ବେଗୁନିଆ ମହାବିଦ୍ୟାଳୟ ଏବଂ ୨୦୧୧ରେ ପ୍ରତାପ ଶାସନ ମହାବିଦ୍ୟାଳୟରେ କାର୍ଯ୍ୟ କରୁଥିବାବେଳେ କଲେଜ ପରିଚାଳନା କମିଟି ସହଯୋଗରେ ପ୍ରାୟ ୫ ହଜାର ବିଭିନ୍ନ ବୃକ୍ଷର ଚାରା ଲଗାଇଥିଲୁ । ୨୦୧୪ରୁ ୨୦୧୮ ପର୍ଯ୍ୟନ୍ତ କଲେଜର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲି । ସେତେବେଳେ ଉପଜିଲାପାଳ ଦେବବ୍ରତ ସାହୁଙ୍କ ସହଯୋଗରେ ଏଠାରେ ଏକ ପାଚେରି ନିର୍ମାଣ କରାଯାଇଥିଲା, ଫଳରେ ଏହି ପରିସରରେ ଲଗାଯାଇଥିବା ଗଛଗୁଡ଼ିକ ସୁରକ୍ଷିତ ହୋଇପାରିଥିଲା । ଯେଉଁଥିପାଇଁ ଏବେ ପ୍ରାୟ ୩୦ ହଜାରରୁ ଊର୍ଦ୍ଧ୍ୱ ଗଛ ସୁରକ୍ଷିତ ରହିଛି । ଏଥିପାଇଁ ୨୦୧୪ରେ ଓଡ଼ିଶା ସରକାରଙ୍କ ଜଙ୍ଗଲ ବିଭାଗ ପକ୍ଷରୁ ପ୍ରକୃତିମିତ୍ର ପୁରସ୍କାର ମିଳିଛି । ଏଠାରେ ଜାମୁ, ପିଜୁଳି, ଲେମ୍ବୁ, ସପେଟା ଓ ଆମ୍ବ ଇତ୍ୟାଦି ନାନା ଫଳଗଛ ଲାଗିଛି । ଏହାଛଡ଼ା କଲେଜର ସୌନ୍ଦର୍ଯ୍ୟ ପାଇଁ ଏକ ପାର୍କ କରାଯିବା ସହିତ ବିଭିନ୍ନ କଳାକୃତି ଓ ଚିତ୍ର ତିଆରି କରାଯାଇଛି । ଏବେ ମୁଁ ଆଞ୍ଚଳିକ ବିକାଶ ପରିଷଦର ଜଣେ ସକ୍ରିୟ କର୍ମଚାରୀ । ଏହାର ସଭାପତି ବୃନ୍ଦାବନ ସାହୁ ଏବଂ ସମ୍ପାଦକ ଅରୁଣ ପୁରୋହିତ ମଧ୍ୟ ବୃକ୍ଷରୋପଣ କାର୍ଯ୍ୟରେ ଯୋଗଦେଇଥାନ୍ତି । ବାଳକାଟୀ, କୁବାଶାସନ, ଯଶପୁର ମଶାଣି ପରିସର, ଲିଙ୍ଗିପୁର, ଯଶପୁର, ଇଡିପୁର, ବସନ୍ତପୁର ଓ ପଲାସପୁର ଆଦି ଅଞ୍ଚଳରେ ପ୍ରାୟ ୨ହଜାର ଚାରା ରୋପଣ କରାଯାଇଛି । ଅଞ୍ଚଳର ସମସ୍ତ ବୃକ୍ଷପ୍ରେମୀଙ୍କ ସହଯୋଗରେ ଗଙ୍ଗୁଆ ନଦୀ କୂଳେ କୂଳେ ବିଭିନ୍ନ ଚାରା ଲଗାଇବା କାର୍ଯ୍ୟ ଜାରି ରହିଛି ।’

**ବୃକ୍ଷ ସୁରକ୍ଷା ପାଇଁ  ଚିନ୍ତା-:** ‘ମୁଁ ଗଛ କହୁଛି’ କାର୍ଯ୍ୟକ୍ରମ ମାଧ୍ୟମରେ ସେ ବୃକ୍ଷରୋପଣ ପାଇଁ ସଚେତନତା କରିବା ସହ ଓଡ଼ିଶାର ପ୍ରକୃତି ଓ ସଂସ୍କୃତି ସୁରକ୍ଷା ପାଇଁ କାମ କରିଥାନ୍ତି । ତାଙ୍କରି ପ୍ରଚେଷ୍ଟାରେ ଏକ ପରିତ୍ୟକ୍ତ ବିଶାଳ ଖାଲ କ୍ଷୁଦ୍ର ଜଙ୍ଗଲରେ ପରିଣତ ହୋଇପାରିଛି । ସେ ହେଲେ **ତ୍ରିଲୋଚନ ସାହୁ** । ସେ ଏବେ ଏମ୍‌ବିଏ(ଫାଇନାନ୍ସ) ଛାତ୍ର । ଘର କେନ୍ଦୁଝର ଜିଲାର ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଫକୀରପୁର ଗାଁରେ । ସେ କୁହନ୍ତି,‘କଲେଜରେ ପଢୁଥିବା ବେଳେ ଏନ୍‌ଏସ୍‌ଏସ୍‌ରେ ଯୋଗଦେଇଥିଲି । ଏଠାରେ ବିଭିନ୍ନ ସମୟରେ ନାନା ପ୍ରକାରର ଜନସଚେତନତା କାର୍ଯ୍ୟକ୍ରମ କରୁଥିଲି । ଯେଉଁଥିରେ ପରିବେଶ ସୁରକ୍ଷା, ବୃକ୍ଷରୋପଣ ଓ ଜଳବାୟୁ ପରିବର୍ତ୍ତନ ଆଦି କାର୍ଯ୍ୟକ୍ରମ ଆଦି ଅନ୍ତର୍ଭୁକ୍ତ । ସେହିଦିନଠାରୁ ପରିବେଶ ସୁରକ୍ଷା ଓ ବୃକ୍ଷରୋପଣ କାର୍ଯ୍ୟ ଜାରି ରଖିଛି । ଫକୀରପୁର ଗାଁର ଏକ ପରିତ୍ୟକ୍ତ ଖାଲରେ ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ବିଭିନ୍ନ ବୃକ୍ଷର ଚାରା ରୋପଣ ହୋଇଥିବାରୁ ଏକ କ୍ଷୁଦ୍ର ବନରେ  ରୂପାନ୍ତରିତ ଯୋଗୁ ସବୁଜସୁନ୍ଦର ହୋଇପାରିଛି । ସେହିପରି ୧୧ନମ୍ବର ୱାର୍ଡ଼ ଅଞ୍ଚଳ, ବୈତରଣୀ ନଦୀବନ୍ଧ କଡ଼, ଜୟଦୁର୍ଗା ପ୍ରାଥମିକ ସ୍କୁଲହତା, ଆନନ୍ଦପୁରରୁ ଗୋହିରା ଗ୍ୟାରେଜ ଛକ, ଫକୀରପୁର ମୋଚିନ୍ଦା ଛକରୁ ବାଲୁଙ୍କେଶ୍ୱର ରାସ୍ତାକଡ଼ରେ ବିଭିନ୍ନ ଫୁଲ, ଫଳ ଗଛ ଲଗାଇଥିଲୁ । ଚାରାଗୁଡ଼ିକ ମଧ୍ୟରେ ବିଶେଷକରି ଓଉ, ଜାମୁ, ଅଁଳା, ପିଜୁଳି, ରାଧାଚୂଡ଼ା ଲଗାଯାଇଥିଲା । କେନ୍ଦୁଝର ଜିଲାର ଆନନ୍ଦପୁର ବନଖଣ୍ଡ ଅଧୀନରେ ରହିଥିବା ଏହି ସ୍ଥାନ ଏବେ ସବୁଜ ବନାନୀରେ ସୁନ୍ଦର ଦିଶୁଛି । ଏହି କାର୍ଯ୍ୟରେ ମୋ ସହ ଆଉ କେତେଜଣ ପିଲା ମଧ୍ୟ ସାମିଲ ହୋଇଥିଲେ ।

→





ଅକ୍ଷୟ କୁମାର ମିଶ୍ର



ଲକ୍ଷ୍ମୀଧର ପ୍ରଧାନ



ତ୍ରିଲୋଚନ ସାହୁ



ବିଜୟ କୁମାର ମହାରଣା



ଅନ୍ତର୍ଯ୍ୟାମୀ ସାହୁ

ସେମାନେ ନିଜ ବାଡ଼ିରୁ ବାଉଁଶ ଆଣି ବୃକ୍ଷଚାରାର ସୁରକ୍ଷା ପାଇଁ ବାଡ଼ ତିଆରି କରିଥିଲେ। ଚଳିତ ବର୍ଷ ପ୍ରାୟ ଏକ ହଜାର ଗଛ ଲଗାଯାଇଛି। ବୈତରଣୀ ନଦୀବନ୍ଧରେ ପ୍ରାୟ ୧୮୦ଟି ଗଛ ଲଗାଇଥିଲୁ।' ୨୦୨୧ ମସିହାରେ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ତ୍ରିଲୋଚନଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ମିଳିଛି। ୨୦୨୪ରେ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସୁରକ୍ଷା ସଂରକ୍ଷଣ ପୁରସ୍କାର ମିଳିଛି । ଜଙ୍ଗଲ ସୁରକ୍ଷା ଓ ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ଗାଁ ଗାଁରେ ସଚେତନତା ଶିବିର ହେଉଛି। ମୁଁ ଗଛ କହୁଛି କାର୍ଯ୍ୟକ୍ରମକୁ ସେ ଓଡ଼ିଶା ଓ ଓଡ଼ିଶା ବାହାରେ ପହଞ୍ଚାଇବାର ପ୍ରୟାସ କରୁଛନ୍ତି। ପର୍ବପର୍ବାଣି ଓ ମହାପୁରୁଷଙ୍କ ଜୟନ୍ତୀ ଅବସରରେ ବୃକ୍ଷ ରୋପଣ ପାଇଁ ଜନ ସଚେତନତା ମଧ୍ୟ କରୁଛନ୍ତି।

**ବନ ମହୋତ୍ସବରୁ ପ୍ରେରଣା ମିଳିଛି**– ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ପଞ୍ଚାୟତ ସମିତି ଅନ୍ତର୍ଗତ ଭୂତମରସିଙ୍ଗା ଗ୍ରାମପଞ୍ଚାୟତ। ଏହି ଅଞ୍ଚଳର **ବିଜୟ କୁମାର ମହାରଣା** ଜଣେ ଶିକ୍ଷାବିତ୍। ସେ କୁହନ୍ତି, 'ସ୍କୁଲ ବୟସରୁ ପ୍ରାକୃତିକ ପରିବେଶ ପ୍ରତି ଆକୃଷ୍ଟ ହୋଇଥିଲି। ୧୯୮୦ ମସିହାରେ ଆମ ଗ୍ରାମରେ ଫରେଷ୍ଟର ବ୍ରଜକିଶୋର ପଟ୍ଟନାୟକଙ୍କ ପ୍ରେରଣାରେ ଏକ ଯୁବକସଂଘ ଗଠନ ହୋଇଥିଲା। ସମୟକ୍ରମେ ବିଶ୍ୱବ୍ୟାଙ୍କ ତରଫରୁ ନାବାର୍ଡ ଜରିଆରେ ଆମ ଗାଁରେ ବନ ମହୋତ୍ସବ ହେଉଥିଲା। ଉକ୍ତ ଗ୍ରାମ୍ୟ ଜଙ୍ଗଲର ପୁନରୁଦ୍ଧାର ପାଇଁ କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା। ପରେ ଗାଁର ଯୁବକମାନେ ମିଶି ପରିବେଶ ସୁରକ୍ଷା, ବୃକ୍ଷରୋପଣ, ପୋଖରୀ ସଫେଇ, ମନ୍ଦିର ପୁନରୁଦ୍ଧାର, ଶିକ୍ଷା, ସ୍ୱାସ୍ଥ୍ୟ ଓ ପାଠାଗାର ସ୍ଥାପନ ଆଦି କାର୍ଯ୍ୟକ୍ରମ କରିଥିଲୁ। ୧୯୯୫ରେ ବାଳିକା ଶିକ୍ଷା ନିମନ୍ତେ ଗ୍ରାମରେ ଏକ କାର୍ଯ୍ୟକ୍ରମ ହୋଇଥିଲା। ଏଠାରେ ଏକ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା। ସେହିପରି ପ୍ରତିବର୍ଷ ବନ ମହୋତ୍ସବ କରାଯିବା ସହ ବୃକ୍ଷରୋପଣ କରାଯାଇଥାଏ। ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି ଓ ତା'ର ରକ୍ଷଣାବେକ୍ଷଣ କରାଯାଉଛି। ଏଥିପାଇଁ ୨୦୨୧ରେ ପ୍ରକୃତିମିତ୍ର ଏବଂ ୨୦୨୩ରେ ପ୍ରକୃତିବନ୍ଧୁ ପୁରସ୍କାର ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ମିଳିଛି। ବର୍ତ୍ତମାନ ଅବସର ପରେ ମଧ୍ୟ ସ୍କୁଲ ପିଲାଙ୍କୁ ନେଇ ଆମ ଅଞ୍ଚଳର ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ କରିଥାଏ। ଏଥିରେ ମୋତେ ମାନସିକ ଶାନ୍ତି ମିଳୁଛି।

**ବୃକ୍ଷ ମୋର ଜୀବନ**– ତାଙ୍କର ପେଶା ଶିକ୍ଷକତା, ନିଶା କିନ୍ତୁ ବୃକ୍ଷରୋପଣ । ପ୍ରାକୃତିକ ପରିବେଶର ସୁରକ୍ଷା, ବିଭିନ୍ନ ଜୀବଜନ୍ତୁ କିପରି ନିରାପଦରେ ବିଚରଣ କରିବା ସହ ବଂଶବିସ୍ତାର କରିପାରିବେ, ସେଥିପାଇଁ ସେ ପ୍ରୟାସ କରିଥାନ୍ତି। ଏଥିଲାଗି ସବୁବେଳେ ତାଙ୍କ କାନ୍ଧରେ ଥାଏ ଏକ ଝୁଲାମୁଣି। ସେଥିରେ ସାଇତିଥାନ୍ତି ବିଭିନ୍ନ ଫୁଲଫଳ, ପଶୁପକ୍ଷୀଙ୍କ ସୁରକ୍ଷା ସମ୍ପର୍କିତ ନାନା ଉପାଦେୟ ପ୍ଲାକାର୍ଡ-କିଛି ଲିଫଲେଟ୍ ଓ ଫଟୋଚିତ୍ର। ଏହାକୁ ଧରି ସେ ଘୁରିବୁଲନ୍ତି ବିଭିନ୍ନ ଗାଁ। ସେ ହେଲେ **ଅନ୍ତର୍ଯ୍ୟାମୀ ସାହୁ**। ପିତା ଖଲି ସାହୁ, ମା' ଗୌରୀ ଦେଈ। ଘର ନୟାଗଡ଼ ଜିଲା କଣ୍ଟିଲୋ ଅଞ୍ଚଳର ଥୋରିଆସାହିରେ। ସେ କୁହନ୍ତି, 'ବାପାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସ୍କୁଲ ବୟସରୁ ହିଁ ଗଛ ଲଗାଇବା କାର୍ଯ୍ୟ ଆରମ୍ଭ କରିଥିଲି। ପିଲାଦିନେ ଆମ ଗାଁ ପୋଖରୀ ହୁଡ଼ାରେ ୧୫ଟି ପୁରୁଣା ଆମ୍ବଗଛ ଥିଲା। ସେହି ଗଛଛାଇରେ ଗୋରୁ ବିଶ୍ରାମ ନେଉଥିଲେ। ସମୟକ୍ରମେ ସେଠାରୁ ଆମ୍ବଗଛଗୁଡ଼ିକ ମରିଗଲା। ତେବେ ଗୋଟିଏ ଆମ୍ବଗଛ କୋରଡ଼ରେ ଏକ ବରଗଛ ଉଠିଥିଲା। ସେହି ଗଛଟିକୁ ଆଣି ପୋଖରୀ ହୁଡ଼ାରେ ଲଗାଇଥିଲି । ଏବେ ସେହି ଗଛଟି ଶାଖା ପ୍ରଶାଖା ମେଲାଇ ଅଧିକ ଛାଇ ଦେଉଥିବାରୁ ସେହି ଗଛତଳେ ଏକାଧିକ ଗୋରୁ ଓ ପଥଚାରୀ ବିଶ୍ରାମ ନେଉଛନ୍ତି। ସେବେଠାରୁ ଗଛ ଲଗାଇବାରେ ଅଧିକ ଆଗ୍ରହ ବଢ଼ିଯାଇଥିଲା। ମୋର ମାଟ୍ରିକ୍ ସିଟି ସରିଲାପରେ ବୌଦ୍ଧର ପୁରୁଣାକଟକରେ ଏକ ପ୍ରାଥମିକ ସ୍କୁଲରେ ଶିକ୍ଷକ ଭାବେ ଯୋଗଦେଲି। ସେଠାରେ ପରିବେଶ ଓ ଜୀବଜନ୍ତୁଙ୍କ ସୁରକ୍ଷା ନିମନ୍ତେ ନାନା ଜାତିର ଗଛ ଲଗାଇଥିଲି। ହରଭଙ୍ଗା ବ୍ଲକ ଅଧୀନ ଏକ ପ୍ରାଚୀନ ବୁଦ୍ଧପୀଠରେ ଲୁମ୍ବିନୀ ଉଦ୍ୟାନ ଲାଗି ଉଦ୍ୟମ କରିଥିଲି। ସ୍ଥାନୀୟ ସ୍କୁଲ ଛାତ୍ରୀଛାତ୍ର ଓ ଗ୍ରାମବାସୀଙ୍କ ଦ୍ୱାରା ଏହା ସଫଳ ହୋଇଛି। ଜଙ୍ଗଲ ଅଞ୍ଚଳର ପ୍ରାୟ ୪କିମି ରାସ୍ତାରେ ଲୋକଙ୍କୁ ସାମିଲ କରି ଜଙ୍ଗଲରେ ନିଆଁ ଲଗାଇବାରୁ ନିବୃତ କରିବା ସହ ଜଙ୍ଗଲ ସୁରକ୍ଷା ସମ୍ପର୍କରେ ଏକ ପଦଯାତ୍ରା କରିଥିଲୁ। ଶିକ୍ଷକତା ପାଇଁ ଯେଉଁ ସ୍କୁଲକୁ ଯାଇଛି ସେଠାରେ ବିଭିନ୍ନ ବୃକ୍ଷଲତା ଲଗାଇଛି। ଭାପୁର କାଳିଆପଲ୍ଲୀରେ ବିଶ୍ୱାବସୁ, ଲଳିତ ଦେବୀ ଉଦ୍ୟାନ, କମେଇନାଳବନ୍ଧ, ନବକଳେବର୨୦୧୫ ସ୍ମୃତିରେ ମାଧବ ଉଦ୍ୟାନ ଓ ଗ୍ରାମଲକ୍ଷ୍ମୀ ଉଦ୍ୟାନ ସୃଷ୍ଟି କରାଯାଇଛି। ଧାରକଟା ୟୁପି ସ୍କୁଲରେ ପ୍ରାୟ ୨ଶହ ଶାଗୁଆନ ଗଛ ଲଗାଇଛି। ଏହି କାର୍ଯ୍ୟରେ ମତେ ସମସ୍ତଙ୍କ ସହଯୋଗ ବି ମିଳିଛି। ବୃକ୍ଷରୋପଣ ସମ୍ବନ୍ଧୀୟ ବିଭିନ୍ନ ବାର୍ତ୍ତାର ପୋଷ୍ଟରକୁ ବିଭିନ୍ନ ଘରର କାନ୍ଥ, ଗଛ, ଦେବାଳୟ ଆଦି ସ୍ଥାନରେ ମାରି ପଥଚାରୀଙ୍କୁ ସଚେତନ କରାଇବାରେ ପ୍ରୟାସ ଜାରି ୧୯୭୦ ମସିହାରୁ ଜାରି ରଖିଛି। ବିଭିନ୍ନ ସ୍କୁଲ ହତା, ପୋଖରୀହୁଡ଼ା ଓ ପଡ଼ିଆ ସ୍ଥାନରେ କୋଚିଲା, ଡିମିରି, ପଳାସ, ସିମଳା, ଆଙ୍କୁଲ, କୁସୁମ ଆଦି ପ୍ରାୟ ୩୦ ହଜାରରୁ ଊର୍ଦ୍ଧ୍ୱ ବିଭିନ୍ନ ବୃକ୍ଷ ରୋପଣ କରି ଆତ୍ମସନ୍ତୋଷ ଲାଭ କରିଛି।' ଏହିସବୁ କାର୍ଯ୍ୟ ପାଇଁ ଅନ୍ତର୍ଯ୍ୟାମୀଙ୍କୁ ବନବନ୍ଧୁ, ୧୯୯୦ରେ ଜୀବବନ୍ଧୁ, ୧୯୯୫ରେ ପ୍ରକୃତିବନ୍ଧୁ, ଆଜୀବନ ପରିବେଶ ସାଧକ ପୁରସ୍କାର, ମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହସାମନ୍ତ ହରିଚନ୍ଦନ ମହାପାତ୍ର ସମ୍ମାନ ଆଦି ସମ୍ମାନରେ ସମ୍ମାନିତ କରାଯାଇଛି। ଏହାବାଦ ଓଡ଼ିଶା ପରିବେଶ କଂଗ୍ରେସ ପକ୍ଷରୁ ପ୍ରଫେସର ରାଧାମୋହନ ସବୁଜଦୂତ ପୁରସ୍କାର ଏବଂ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସୁରକ୍ଷା ସଂରକ୍ଷଣ ପୁରସ୍କାର ସମେତ ବିଭିନ୍ନ ସଂସ୍ଥାରୁ ଶତାଧିକ ସମ୍ମାନ ଓ ପୁରସ୍କାର ବି ଦିଆଯାଇଛି।

ଏମାନଙ୍କ ବ୍ୟତିତ ବି ଆହୁରି ଅନେକ ପରିବେଶପ୍ରେମୀ ଏବେ ପରିବେଶ ବଞ୍ଚାଇବାକୁ ଅଣ୍ଟା ଭିଡ଼ିଛନ୍ତି।

–ବନବିହାରୀ ବେହେରା



# ବିବାହ କଥା ଏବେ ଚିନ୍ତା କରିନି




**ସମସ୍ତେ ତାଙ୍କୁ ଜାଣନ୍ତି 'କରାଟେ କୁଇନ୍' ଭାବେ। ୨୦୧୦ ଏସିଆନ୍ ଗେମ୍ସରେ ବ୍ରୋଞ୍ଜ ମେଡାଲ ମ୍ୟାଚ୍ ପର୍ଯ୍ୟନ୍ତ ପହଞ୍ଚିପାରିଥିବା, ୨୬ରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ଗୋଲ୍ଡ ମେଡାଲ ହାସଲ କରିଥିବା ଏହି କରାଟେକା ହେଉଛନ୍ତି ଭାଲେନା ଭାଲେଣ୍ଟିନା। ଏଥର ଜାଣିବା ଏହି ଗ୍ଲାମର୍ସ କରାଟେକାଙ୍କ ଜୀବନର କିଛି ସିକ୍ରେଟ୍..**



**ପିଲାଦିନୁ ସାହସୀ:** ପିଲାଟି ଦିନୁ ମୁଁ ଖୁବ୍ ସାହସୀ ଥିଲି। ଆଉ ଆତ୍ମନିର୍ଭରଶୀଳ ହେବାକୁ ପସନ୍ଦ କରୁଥିଲି। କେହି ମତେ ସ୍କୁଲ ଛାଡ଼ିବାକୁ ଆସନ୍ତୁ ତାହା ମୋର ପସନ୍ଦ ନ ଥିଲା। ସେଥିପାଇଁ ଦ୍ୱିତୀୟ ଶ୍ରେଣୀରେ ପଢ଼ିବାବେଳୁ ମାଷ୍ଟରକ୍ୟାଣ୍ଟିନରୁ ୟୁନିଟ୍ ୨ସ୍ଥିତ ମୋ ସ୍କୁଲକୁ ମୁଁ ନିଜେ ସାଇକେଲ ଚଳେଇକି ଯାଉଥିଲି। ମୋର ଏଭଳି ନେଚର୍ ଦେଖି ମୋ ମା'ବାପା ଭାବି ନେଇଥିଲେ ମୁଁ ନିଶ୍ଚୟ ସ୍ପୋର୍ଟସ୍ ଲାଇନ୍‌କୁ ଯିବି। ଏଭଳି ଭାବିବା ପଛରେ ଆଉ ଏକ କାରଣ ହେଉଛି ମୋ ବାପା ରାଧାରମଣ ମହାନ୍ତି ଜାତୀୟ ସ୍ତରର ଆର୍ମ ରେସଲର୍ ଓ ଫୁଟବଲ୍ ଖେଳାଳି ଥିଲେ। ମା' ବି ସ୍କୁଲରେ ପଢ଼ିବାବେଳେ ସ୍ପୋର୍ଟସ୍‌ରେ ବହୁତ ଭଲ ଥିଲେ।

**ନାମକରଣ:** ଭାଲେଣ୍ଟିନା ତେରେସ୍କୋଭାଙ୍କ ନାମାନୁସାରେ ମୋ ମା' ମୋର ନାଁ ଭାଲେନା ଭାଲେଣ୍ଟିନା ରଖିଛନ୍ତି।

**କରାଟେ ଟ୍ରେନିଂ ଆରମ୍ଭ:** ସ୍କୁଲରେ ପଢିବାବେଳେ ସ୍ପୋର୍ଟସ୍‌ରେ ଭାଗ ନେଇ ଭଲ ପ୍ରଦର୍ଶନ କରୁଥିଲି। ତେଣୁ ଏଇ କ୍ଷେତ୍ରରେ ଆଗେଇବି ଭାବି ୬ଷ୍ଠ ଶ୍ରେଣୀରେ ପଢିବାବେଳେ କରାଟେ ଶିଖିବା ଆରମ୍ଭ କଲି। ସେତେବେଳେ କରାଟେ ପୁରୁଷ ପ୍ରାଧାନ୍ୟ ଥିଲା। ଏହି ଖେଳ ଅଲିମ୍ପିକ୍ସରେ ବି ସାମିଲ ନ ଥିଲା। ତଥାପି ମୁଁ ଏହାକୁ ବାଛିଲି। ମତେ ଲାଗେ ମୁଁ ଗୋଲ୍ଡେନ ସ୍ପୁନ ନେଇ ଜନ୍ମ ହେଇଛି। ସେଥିପାଇଁ ମୋ ମା' ବାପା ମତେ ସବୁଥିରେ ସପୋର୍ଟ କରିଛନ୍ତି। ମୋ ବଡ଼ ଭଉଣୀ, ସାନ ଭାଇ ଭଲ ପଢନ୍ତି। କିନ୍ତୁ ମୁଁ ପଢା ପ୍ରତି ବେଶି ଧ୍ୟାନ ନ ଦେଇ ଖେଳରେ ମନ ଦେବାକୁ ନେଇ ମୋ ବାପା ମା' କେବେ ବି ଭାଇ ଭଉଣୀ କିମ୍ବା ଅନ୍ୟ କାହା ସହ ତୁଳନା କରି ମତେ ଗାଳି ଦେଇ ନାହାନ୍ତି। ବରଂ ଯାହା ଭଲ ଲାଗୁଛି ସେଥିରେ ଆଗକୁ ବଢିବା ପାଇଁ ପ୍ରେରଣା ଦେଇଛନ୍ତି। ଖାସ୍ ସେମାନଙ୍କର ଏଭଳି ସପୋର୍ଟ ପାଇଁ ହିଁ ମୁଁ ଅନ୍ତର୍ଜାତୀୟ ସ୍ତରକୁ ପହଞ୍ଚି ପାରିଲି ।



**ଦୁଃଖ ଆସିଛି ହେଲେ ଭାଙ୍ଗି ପଡ଼ିନି:** ୨୦୧୦ ଏସିଆନ ଗେମ୍ସରେ ଅଳ୍ପକେ ବ୍ରୋଞ୍ଜ ମେଡାଲ ହରାଇବା ହେଉଛି ମୋ ଜୀବନର ସବୁଠୁ ବଡ଼ ଦୁଃଖ। ଯଦି ମେଡାଲ ପାଇ ପାରିଥାନ୍ତି ତେବେ କେବଳ ଓଡ଼ିଶା କରାଟେ ନୁହେଁ ସାରା ଭାରତର କରାଟେରେ ବଡ଼ ପରିବର୍ତ୍ତନ ଆସିଥାନ୍ତା। ଏହି ଗେମ୍ ଆହୁରି ହାଇଲାଇଟ୍ ହେଇପାରିଥାନ୍ତା। ଏହାବାଦ ୨୦୧୮ ମସିହାରେ ୱାର୍ଲଡ ର୍‍ୟାଙ୍କିଙ୍ଗରେ ୧୧ ନମ୍ବରରେ ଥିବାରୁ ଅଲିମ୍ପିକ୍ସରେ ଟ୍ରାଏଲ ପାଇଁ ଚୟନ ହୋଇଥିଲି । ହେଲେ ଫେଡେରେଶନ୍‌ରେ ସମସ୍ୟା ପାଇଁ ଟ୍ରାଏଲ୍ ପାଇଁ ଯାଇପାରି ନ ଥିଲି। ଏହିସବୁ ଅବସୋସ ତ ଆଜୀବନ ରହିବ। ହେଲେ ଏଥିଯୋଗୁ ମୁଁ କେବେ ଭାଙ୍ଗି ପଡ଼ିନି। ଆଜି ବି ଚେଷ୍ଟା ଜାରି ରଖିଛି କେମିତି ପୁଣିଥରେ ସେସବୁ ଫେରି ପାଇବି। ତେଣୁ ରିଟାୟରମେଣ୍ଟ ନେଇନି। ଏବେ ମୋ ଷ୍ଟୁଡେଣ୍ଟମାନେ ବି ବିଭିନ୍ନ ଅନ୍ତର୍ଜାତୀୟ ସ୍ତରର ଟୁର୍ନାମେଣ୍ଟରେ ମେଡାଲ ପାଇ ଦେଶ ଲାଗି ଗୌରବ ଆଣିବାରେ ସଫଳ ହୋଇଛନ୍ତି। ଯେମିତି କି ଅଲିଶା ସୁବୁଦ୍ଧି ୨୨ ବର୍ଷ ପରେ ଏସିଆନ କରାଟେ ଚାମ୍ପିୟନଶିପ୍‌ରେ ଭାରତ ପାଇଁ ମେଡାଲ ନେଇ ଆସିଲେ।

**ନିଜେ ଜିତିବା ନା ଷ୍ଟୁଡେଣ୍ଟ ଜିତିବା ଖୁସି ଲାଗେ**
ଉଭୟର ଖୁସି ଭିନ୍ନ ଭିନ୍ନ। ଷ୍ଟୁଡେଣ୍ଟ ଜିତିଲେ ବେଶ୍ ଗର୍ବ ଅନୁଭବ ହୁଏ। ହେଲେ ଯେବେ ନିଜେ ଜିତେ, ଦେଶର ଗୌରବ ଲାଗି ବଜାଯାଉଥିବା ନ୍ୟାଶନାଲ ଆନ୍ଥମ୍ ସହ ଗଳାରେ ପଡ଼ିଥିବା ମେଡାଲର ଅନୁଭୂତିକୁ ବର୍ଣ୍ଣନା କରିହେବନି।

**ଡେଲି ରୁଟିନ୍:** ପ୍ରତିଦିନ ସକାଳ ୫ଟା ୩୦ରୁ ଉଠେ। ଫ୍ରେଶ ହେଇ କଳିଙ୍ଗ ଷ୍ଟାଡିୟମ୍‌କୁ ଯାଏ ଟ୍ରେନିଂ ପାଇଁ। ୯ଟାରେ ଫେରେ। ଏହାପରେ ୧୨.୩୦ରୁ ୨.୩୦ଟା ପର୍ଯ୍ୟନ୍ତ ଟେକ୍‌ନିକ ସେସନ୍ ଚାଲେ। ସନ୍ଧ୍ୟା ୭ରୁ ୯ଟା ଯାଏ ଟୁର୍ନାମେଣ୍ଟ ଭର୍ସନ ଖେଳୁ। ମୋର ଏକ କରାଟେ ସ୍କୁଲ ବି ଅଛି। ୬ବର୍ଷ ବୟସରୁ ଆରମ୍ଭ କରି ପିଲା ଏଠି ଟ୍ରେନିଂ ନିଅନ୍ତି। ସେମାନଙ୍କୁ ବି ସମୟ ଦେବାକୁ ହୁଏ।

**ଗ୍ଲାମର୍ସ ଭାଲେନା:** ସେରେନା ୱିଲିୟମ୍, ସାନିଆ ମିର୍ଜାଙ୍କ ଷ୍ଟାଇଲିସ୍ ଲୁକ୍ ବହୁତ ଭଲ ଲାଗେ। ଆଉ ତାଙ୍କ ଭଳି ଗ୍ଲାମର୍ସ ରହିବାକୁ ମୁଁ ପସନ୍ଦ କରେ। ମୋ ମତରେ ସବୁ ସ୍ପୋର୍ଟସ୍ ପର୍ସନ ଗ୍ଲାମର୍ସ ହେବା ଦରକାର। କାରଣ ସେମାନେ ନିଜ ଦେଶକୁ ରିପ୍ରେଜେଣ୍ଟ କରନ୍ତି।

**ଲାଇଫ୍ ପାର୍ଟନର:** ବିବାହ ପାଇଁ ଇଣ୍ଟରେଷ୍ଟ ନାହିଁ କି କେବେ ଏକଥା ଚିନ୍ତା କରିନି। ତେବେ ବିବାହ ଯେ କରିବିନି କେବେ ମନା ବି କରିନି। ବୟଫ୍ରେଣ୍ଡ କଥା କହିଲେ ସମୟ ଦେଇ ନ ପାରିବାରୁ ଗୋଟେ ରିଲେସନ୍ ମୋର ଆଗେଇପାରି ନ ଥିଲା। ଆମେ କେବଳ ଭଲ ଫ୍ରେଣ୍ଡ ହେଇ ରହିଗଲୁ। ଘରେ ମଧ୍ୟ କେବେ ଚାପ ପକାଇ ନାହାନ୍ତି ବିବାହ କରିବା ପାଇଁ। ମୁଁ ଦେଖିଛି ଯେବେ ଅନ୍ତର୍ଜାତୀୟ ଖେଳାଳିର ବିଜୟ ହୁଏ ଖେଳାଳୀଙ୍କୁ ନିଜ କାନ୍ଧ ଉପରେ ତ୍ରିରଙ୍ଗାକୁ ଧାରଣ କରିବାର ସୌଭାଗ୍ୟ ମିଳେ, ଯାହାକି ସବୁଠୁ ବଡ଼ ସମ୍ମାନ। ବଞ୍ଚିଥିବାବେଳେ ଯଦି ତ୍ରିରଙ୍ଗା କାନ୍ଧରେ ପଡ଼େ ତା'ଠାରୁ ବଡ଼ କଥା ଆଉ କିଛି ନାହିଁ ବୋଲି ମୁଁ ମନେକରେ। ଯାହାକି ବିବାହଠାରୁ ବହୁ ଊର୍ଦ୍ଧ୍ୱରେ।

**କୋଉଥିରେ ବେଶି କମ୍ପ୍ଲିମେଣ୍ଟ ମିଳେ ଗ୍ଲାମର୍ସ ଲୁକ୍ ପାଇଁ ନା କରାଟେ ପାଇଁ:** ଲୋକେ ପ୍ରଥମେ ମତେ ମୋ ଖେଳରେ ଭଲ ପ୍ରଦର୍ଶନ ପାଇଁ ଜାଣିଲେ। ଦେଶ ପାଇଁ ମେଡାଲ ଆଣିବାରୁ ମତେ ପସନ୍ଦ କଲେ। ଆଉ ମୋ ଷ୍ଟାଇଲ୍ ବି ସମସ୍ତଙ୍କୁ ଭଲ ଲାଗିଲା। କହିବାକୁ ଗଲେ କରାଟେ ମୋ ପରିଚୟ । ତେଣୁ ଆଜି ଯିଏ ବି ମୋ ଲୁକ୍‌କୁ ପସନ୍ଦ କରୁଛନ୍ତି କେବଳ ମୋ ଖେଳର ଆଚିଭ୍‌ମେଣ୍ଟ ପାଇଁ।

**କରାଟେକା ନ ହୋଇଥିଲେ:** କରାଟେକା ନ ହୋଇଥିଲେ ମଡେଲିଂ କରିଥାଆନ୍ତି। ମୋର ଏଇ ସ୍ୱପ୍ନ ବି ପୂରଣ ହୋଇପାରିଛି ମୋ ଡିଜାଇନରଙ୍କ ପାଇଁ। ତାଙ୍କ ଶୋ'ରେ ମୁଁ ଶୋ' ଷ୍ଟପର୍ ହେଇ ର୍‍ୟାମ୍ପରେ ଚାଲିଛି।

**ପ୍ରିୟ ଖାଦ୍ୟ:** ଚିକେନ ବିରୟାନୀ ମୋର ସବୁଠୁ ପ୍ରିୟ । ମୁଁ ଜମାରୁ ଡାଏଟ କରେନା। ମୋ ମତରେ ଭଲ ଖାଇଲେ ମନ ଖୁସି ରହେ। ଆଉ ଟ୍ରେନିଂ ବି ଭଲରେ ହୁଏ।

**ପସନ୍ଦର ଗେଟ୍‌ଅପ୍:** ଶାଢ଼ି ପିନ୍ଧିବାକୁ ବେଶି ଭଲ ଲାଗେ। ତେଣୁ ପାର୍ଟି, ଫଙ୍କ୍‌ସନ୍‌ରେ ମୁଁ ଶାଢ଼ି ପିନ୍ଧେ।

**ରୋଷେଇ:** ଖାଇବା ମୋର ପସନ୍ଦ। ଆଉ ରୋଷେଇ ଭଲ ହେଇଛି କି ନା ତାହା ବି ମୁଁ କହିପାରେ। ହେଲେ ରୋଷେଇ ଆସେନା। ଖାଲି ଯାହା କଫି, ଚା' କରିଆସେ।

**ଶପିଂ କେତେ ପସନ୍ଦ:** ଶପିଂ କରିବାକୁ ଭଲ ଲାଗେନା। ମତେ ଲାଗେ ଏଥିରେ ସମୟ ଅଯଥା ନଷ୍ଟ ହୁଏ। କିନ୍ତୁ ୟୁନିକ ପିନ୍ଧିବା ମୋର ନେଚର୍। ତେଣୁ ଡିଜାଇନର୍ ଜାହିଦା ଏହମ୍ମଦଙ୍କ ଦ୍ୱାରା ସ୍ୱତନ୍ତ୍ରଭାବେ ପୋଷାକ ଡିଜାଇନ୍ କରି ମୁଁ ପିନ୍ଧେ।

**ହବି:** ବାଇକ ଚଳାଇବା, ପେଣ୍ଟିଂ କରିବା।

**ସ୍ୱପ୍ନ:** ଦ୍ରୋଣାଚାର୍ଯ୍ୟ ଆୱାର୍ଡ ପାଇବା ମୋର ସ୍ୱପ୍ନ।

**ଆଶା ଅଛି ମେଡାଲ ଆଣିବୁ:** ଆଗାମୀ ନଭେମ୍ବରରେ କମନୱେଲ୍ଥ କରାଟେ ଚାମ୍ପିୟନଶିପ୍ ଅଛି ; ଯେଉଁଥିରେ ଭାଗ ନେବାକୁ ମୁଁ ଓ ମୋ ଷ୍ଟୁଡେଣ୍ଟ ମିଶି ୧୪ ଜଣ ଯାଉଛୁ। ଆଶା ରଖିଛୁ ଦେଶ ପାଇଁ ମେଡାଲ ନିଶ୍ଚୟ ଆଣିବୁ।

**– ଶିବାନୀ ମହାନ୍ତି**



# ଉପସ୍ଥାପକ ମୃତ୍ୟୁଞ୍ଜୟ



ଦିନଥିଲା, ଆକାଶବାଣୀ କଟକ କେନ୍ଦ୍ରରୁ ପ୍ରତି ବୁଧବାର ସକାଳ ୭ଟା ୨୫ମି.ରେ ପ୍ରଚାରିତ ହେଉଥିଲା ପ୍ରସଙ୍ଗଭିତ୍ତିକ କାର୍ଯ୍ୟକ୍ରମ 'ଦର୍ପଣ' ଏବଂ ପ୍ରତିଦିନ ସକାଳୁ ସକାଳୁ ଆରମ୍ଭ ହେଉଥିଲା 'ପ୍ରଭାତ ପରିକ୍ରମା'। ଏହି କାର୍ଯ୍ୟକ୍ରମକୁ ଉପସ୍ଥାପନା କରୁଥିବା ଉପସ୍ଥାପକଙ୍କ ଉପସ୍ଥାପନା ଶୈଳୀ ଓ ସ୍ୱର ଲକ୍ଷ ଲକ୍ଷ ଶ୍ରୋତାଙ୍କ ମନ କିଣି ନେଉଥିଲା। ସେ ହେଲେ **ମୃତ୍ୟୁଞ୍ଜୟ ସାମଲ**। ମାତା ଲତିକା ସାମଲ। ପିତା ଧନେଶ୍ୱର ସାମଲ ଜଣେ ସାହିତ୍ୟିକ। ସେ କୁହନ୍ତି, 'ଯାଜପୁର ଜିଲାର ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବିରୂପା ନଦୀକୂଳରେ ଅବସ୍ଥିତ ମୋ ଗାଁ ବାହାଦୁର ନଗର। ନଦୀର ଆରପଟେ ଆସିହା ପର୍ବତମାଳା– ଆଲମଗିରି, ବୌଦ୍ଧ ପୀଠ ଉଦୟଗିରି। ଗାଁର ଦକ୍ଷିଣ ପଟକୁ ୪ କିଲୋମିଟର ଦୂରରେ ପ୍ରସିଦ୍ଧ ଲଳିତଗିରି ଏବଂ ସନ୍ଥ ଅରକ୍ଷିତ ଦାସଙ୍କ ସାଧନା, ସିଦ୍ଧି ଓ ସମାଧି ପୀଠ– ଓଲାଶୁଣୀ । ମୋ ପିଲାଦିନେ ଛୁଟି ଦିନରେ ଏସବୁ ମନୋରମ ସ୍ଥାନ ବୁଲିବା, ବଣଭୋଜି କରିବା, ଶରତ ପୂର୍ଣ୍ଣିମା କିମ୍ବା ଦୋଳ ପୂର୍ଣ୍ଣିମୀର ଉଜ୍ଜ୍ୱଳ ଜହ୍ନରାତିରେ ସାଙ୍ଗଙ୍କ ସହ ଆକାଶକୁ ଚାହିଁ ବିଭୋର ହେବା ସହ ଗପବହି ପଢ଼ିବାର ନିଶା ଖୁବ୍ ଘାରୁଥିଲା। ତା' ସହ ଗାଁ ରାସ୍ତା ମରାମତି କରିବା, ଅଳ୍ପ କେତେକ ସାଥୀଙ୍କୁ ଏକାଠି କରି କିଶୋର ଶ୍ରୋତା ଚକ୍ର ଗଢ଼ି ଆକାଶବାଣୀ ସହ ଯୋଡ଼ି ହେବାର କିଞ୍ଚିତ୍ ଉଦ୍ୟମ ବି ଥିଲା ସ୍କୁଲ ପଢ଼ାବେଳେ।

ଖେଳାଖେଳି ଅପେକ୍ଷା ଅବସର ସମୟ ଶିଶୁ କିଶୋର ପତ୍ରିକା, ଗପ ବହି, ରହସ୍ୟ ରୋମାଞ୍ଚର କାହାଣୀ, ଉପନ୍ୟାସ ପଢ଼ିବାରେ ବିତୁଥିଲା। ବାପାଙ୍କ ସାହିତ୍ୟ ସାଧନା କିଛିମାତ୍ରାରେ ମୋତେ ସାହିତ୍ୟ ଅନୁରାଗୀ କରିଥିଲା ଏବଂ ସୃଜନ ଇଚ୍ଛା ଭରିଥିଲା ମନରେ। ସେଇଥିପାଇଁ ତିରଣ, ଜଗନ୍ନାଥପୁର ହାଇସ୍କୁଲରେ ନବମ ଶ୍ରେଣୀରେ ପଢ଼ିବା ବେଳେ ସ୍କୁଲର ମୁଖପତ୍ରରେ ମୋ ଲିଖିତ 'ଭାଗ୍ୟଚକ୍ର' ଶୀର୍ଷକ କାହାଣୀ ପ୍ରକାଶ ପାଇଥିଲା। ସେତେବେଳେ ରହସ୍ୟ ରୋମାଞ୍ଚ ଉପନ୍ୟାସ ମନରେ ଏତେ ଆକର୍ଷଣ ସୃଷ୍ଟି କରିଥିଲା ଯେ, କେତୋଟି ରହସ୍ୟ ରୋମାଞ୍ଚ ଉପନ୍ୟାସ ଲେଖିବାର ପ୍ରୟାସ କରିଥିଲୁ ମୁଁ ଏବଂ ମୋର ଜଣେ ସ୍କୁଲ ସାଙ୍ଗ। ଅବଶ୍ୟ ସେସବୁ ସମ୍ପୂର୍ଣ୍ଣ ହେଲାନି କି ଛପା ହେଇ ପାରିଲାନି । କେନ୍ଦ୍ରାପଡ଼ା କଲେଜରେ ପଢ଼ିବାବେଳେ ବିଶିଷ୍ଟ କବି ଦୀପକ ମିଶ୍ର, ଗାଳ୍ପିକ ରାମଚନ୍ଦ୍ର ବେହେରା, ରାମଚନ୍ଦ୍ର ସାହୁ, ତରୁଣ କୁମାର ସାହୁ ପ୍ରମୁଖ ଆମର ଅଧ୍ୟାପକ ଥିଲେ। ସେମାନଙ୍କ ସାହିତ୍ୟ ସାଧନା ପରୋକ୍ଷରେ ମୋତେ ପ୍ରେରିତ କରିଥିଲା ସ୍ନାତକ ଶ୍ରେଣୀରେ ଥିଲାବେଳେ 'ସ୍ପନ୍ଦନ' ନାଁରେ ଗୋଟିଏ ତ୍ରୈମାସିକ ସାହିତ୍ୟ ପତ୍ରିକା ସମ୍ପାଦନା କରିବା ପାଇଁ। କିନ୍ତୁ ଆର୍ଥିକ ସହଯୋଗ ଅଭାବ ଏବଂ ଅନ୍ୟାନ୍ୟ କେତେକ କାରଣରୁ ପତ୍ରିକାଟି ୨ଟି ସଂଖ୍ୟା ପରେ ଅକାଳ ମୃତ୍ୟୁବରଣ କରିଥିଲା। ପତ୍ରିକା ସମ୍ପାଦନା ଅନୁଭୂତି ଅଧା ରହିଲା।






ବାଣୀବିହାରକୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ପଢ଼ିବାକୁ ଆସିବା ପରେ ମୁଁ କବି ସମରେନ୍ଦ୍ର ମହାପାତ୍ରଙ୍କ ମାର୍ଗଦର୍ଶନରେ ଲେଖାଲେଖି ସହ ଆକାଶବାଣୀ ଏବଂ ଦୂରଦର୍ଶନର ଯୁବ କାର୍ଯ୍ୟକ୍ରମରେ ସଂଶ୍ଳିଷ୍ଟ ହେବାସହ ଆକାଶବାଣୀ/ ଦୂରଦର୍ଶନର କନିଷ୍ଠ କାର୍ଯ୍ୟକ୍ରମ ଅଧିକାରୀ (ପ୍ରସାରଣ ନିଷ୍ପାଦକ) ପଦବୀ ପାଇଁ ସର୍ବଭାରତୀୟ ସ୍ତରରେ ହେଉଥିବା ଲିଖିତ ପରୀକ୍ଷାରେ ବସିବା ପାଇଁ ସେ ଉତ୍ସାଇଲେ। ମୌଖିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଦୂରଦର୍ଶନରେ ଯୋଗ ଦେବାକୁ ଚିଠି ପାଇଲି। କିନ୍ତୁ କଟକ ଦୂରଦର୍ଶନ କେନ୍ଦ୍ର ସହଯୋଗ ନ କରିବାରୁ ଘଟଣାକ୍ରମେ ଆକାଶବାଣୀ, କଟକରେ ନିଯୁକ୍ତି ପତ୍ର ପାଇବାର ପ୍ରାୟ ୫ ମାସ ପରେ ଯୋଗଦେଲି। ବିଭିନ୍ନ କାର୍ଯ୍ୟକ୍ରମର ଉପସ୍ଥାପନା, ସମ୍ପାଦନା, ପ୍ରଯୋଜନା ଦାୟିତ୍ୱ ନେଲି। ସବୁଠାରୁ ଅଧିକ ଶ୍ରୋତା ଆକୃଷ୍ଟ ହେଲେ ୨୦୦୦ ମସିହା ସେପ୍ଟେମ୍ବରରୁ ସୂଚନା ମୂର୍ଚ୍ଛନା କାର୍ଯ୍ୟକ୍ରମ 'ପ୍ରଭାତ ପରିକ୍ରମା' ପାଇଁ। ଆଗ୍ରହ ବଢ଼ିଲା: ଆଉ ଏକ ଶ୍ରୋତାଶ୍ରୟୀ ପ୍ରସଙ୍ଗ ଆଧାରିତ ମତ–ମନ୍ତବ୍ୟ କାର୍ଯ୍ୟକ୍ରମ 'ଦର୍ପଣ' ଆରମ୍ଭ କଲି ୨୦୦୧ରେ। ଉଭୟ 'ପ୍ରଭାତ ପରିକ୍ରମା' ଏବଂ 'ଦର୍ପଣ' ଖୁବ୍ ଶ୍ରୋତାଦୃତ ହେଲା। ଏହାପରେ ବ୍ରିଟିଶ୍ ବ୍ରଡକାଷ୍ଟିଂ କର୍ପୋରେଶନର ୱାର୍ଲ୍ଡ ସର୍ଭିସ୍ ଟ୍ରଷ୍ଟ ଓ ଆକାଶବାଣୀର ମିଳିତ ପ୍ରଯୋଜନାରେ ପ୍ରସ୍ତୁତ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ, ଜର୍ମାନୀର ରାଷ୍ଟ୍ରୀୟ ପ୍ରସାରକ 'Deutsche welle Radio'ର ଅନ୍ତର୍ଜାତୀୟ ଶାଖା ଦ୍ୱାରା ପ୍ରାୟୋଜିତ 'ପ୍ରକୃତିର ପ୍ରକୋପ' ଶୀର୍ଷକରେ ଏକ ଦ୍ୱିଭାଷୀ (ଇଂରାଜୀ ଏବଂ ହିନ୍ଦୀ) କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାର ସୁଯୋଗ ମିଳିଥିଲା।

ସେହିପରି ୨୦୦୨ରେ ତତ୍କାଳୀନ କେନ୍ଦ୍ର ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ପ୍ରାୟୋଜିତ ଏବଂ ଆକାଶବାଣୀ ଦ୍ୱାରା ଆଞ୍ଚଳିକ ଭାଷାରେ ପ୍ରସ୍ତୁତ ସ୍ୱତନ୍ତ୍ର ଗ୍ରାମ୍ୟ ଉନ୍ନୟନ ସଚେତନତା କାର୍ଯ୍ୟକ୍ରମ 'ବଉଳ ଫୁଲର ବାସ୍ନା' ପ୍ରସ୍ତୁତ କରିବାର ସୁଯୋଗ ମିଳିଥିଲା। ସମସାମୟିକ ପ୍ରସଙ୍ଗ ଉପରେ ଅଧିକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାର ରୁଚି ରଖିଥିବା ଯୋଗୁ ପରବର୍ତ୍ତୀ କାଳରେ 'ଆଜି ସନ୍ଧ୍ୟାରେ', 'ଚର୍ଚ୍ଚାରେ', ଆଇନର କଥା ଆଦି କାର୍ଯ୍ୟକ୍ରମ ପ୍ରଯୋଜନା ଏବଂ ଉପସ୍ଥାପନା କରି ସାଉଁଟିଛି ଶ୍ରୋତାଙ୍କ ଶ୍ରଦ୍ଧା ଓ ସମ୍ମାନ। ଆକାଶବାଣୀର କେତେକ ଶ୍ରୋତା ସଂଗଠନଙ୍କ ଦ୍ୱାରା ସମ୍ମାନିତ ହେବା ସହ ୨୦୦୩ ଆକାଶବାଣୀ, କଟକ କେନ୍ଦ୍ରର ପ୍ରତିଷ୍ଠା ଦିବସ ଉତ୍ସବରେ ଶ୍ରେଷ୍ଠ ବ୍ୟକ୍ତିତ୍ୱ ସମ୍ମାନ ଲାଭ କରିଛି। ଆକାଶବାଣୀ କଟକ, ଆକାଶବାଣୀ ରାଉରକେଲା, ଆକାଶବାଣୀ କେନ୍ଦୁଝରରେ ନିୟମିତ କାର୍ଯ୍ୟକ୍ରମଗୁଡ଼ିକ ସହ କେତେକ ଅଣଗତାନୁଗତିକ, ସୃଜନାତ୍ମକ ଶ୍ରୋତା ଅନୁକୂଳ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାର ଚେଷ୍ଟା କରିଛି ସର୍ବତୋଭାବେ। ସମ୍ପ୍ରତି ଆକାଶବାଣୀରୁ ଅବସର ନେଇସାରିଛଇ। କିନ୍ତୁ ମୁଁ ଏତିକି ଅନୁଭବ କରେ ଆକାଶବାଣୀ ସାମ୍ପ୍ରତିକ ସାମାଜିକ ଗଣମାଧ୍ୟମଗୁଡ଼ିକର ବହୁଳତା ଭିତରେ ସାମାନ୍ୟ ଦୀପ୍ତିହରା ମନେହେଉଥିଲେ ବି ଆକାଶବାଣୀ ତଥାପି ଦୃପ୍ତ ଏବଂ ସମ୍ଭାବନାମୟ।

**– ବନବିହାରୀ**







# ସ୍ତ୍ରୀ ଲୋକ

**–ରଶ୍ମିରେଖା ଦାସ**

ସ୍ତ୍ରୀ ଲୋକ ରହୁଥିବା ପୃଥିବୀରେ ଝରକା ନ ଥାଏ
ତାକୁ ଭୋଗିବାକୁ ମନା ହୁଏ କଅଁଳ ଖରା, ଜହ୍ନ ରାତି
ଦର ଆଉଜା କବାଟକୁ ଜୋର୍ କରି
କେହି ଜଣେ ବନ୍ଦ କରୁଥାଏ ଅହରହ
ଲୁହ ବତୁରା ଚଟାଣ କୋହ ଛାଉଣୀ ଛାତକୁ ନେଇ
ସେ କଳନା କରେ ନିଜ ଭାଗ୍ୟ ଓ ଭବିଷ୍ୟ ॥
ସ୍ତ୍ରୀ ଲୋକର ପୁଣି ଗୋଟେ ଭାଗ୍ୟ କ'ଣ
ତା' ହାତ ପାପୁଲିରେ ହିଁ ଉଜ୍ଜ୍ୱଳ ଦିଶେ
ପୁରୁଷର ସ୍ୱାମୀପଣିଆ
ନୂଆ କରି ବୁଣିଥିବା ଶାଗ ତୋଳା
ଚୁଲିରେ ବସିଥିବା ଭାତ ହାଣ୍ଡି
ଚଉରାରେ ଜଳୁଥିବା ସଂଜ ଦୀପ
ଆଲଣାରେ ପଡ଼ିଥିବା ଝାଳଭର୍ତ୍ତି ଶାର୍ଟରେ ହିଁ
ପୃଥିବୀ ଦେଖେ ସ୍ତ୍ରୀ ଲୋକ ॥
ଅସଜଡ଼ା ନୁଖୁରା ବାଳରେ
ମଲା କନିଅର ଫୁଲ ଖୋସି ନିଜକୁ ପୃଥିବୀର ସବୁଠାରୁ
ସୁଖୀ ମଣୁଥିବା ମଣିଷଟି
ନିଜ ପାଇଁ କେବେ ମାଗିନାହିଁ ପ୍ରାର୍ଥନାରେ କିଛି
ଏମିତିରେ ବି ସ୍ତ୍ରୀ ଲୋକର ନିଜସ୍ୱ ବୋଲି କ'ଣ ଥାଏ
ତା'ର ନାଁ ଠିକଣା ପରିଚୟ ଦେହ ଦାହ
ସବୁ କିଛି ପୁରୁଷର କରି ସାରି ଏକବାରେ ନିଃସ୍ୱ ସେ
ତା' ଭାଗରେ ବଳିଥାଏ ଯାହା ନିନ୍ଦା ଅପମାନର କୁହୁଡ଼ି
ଓ ପବନ ଭଳି ଦୁଃଖ ॥
ସ୍ତ୍ରୀ ଲୋକ ରହୁଥିବା ପୃଥିବୀରେ ଝରକା ନ ଥାଏ
ସେଇ ଘର ଅଳନ୍ଧୁରେ ହସୁଥାଏ ସ୍ତ୍ରୀ ଲୋକର ମୁହଁ ଚିରକାଳ ।

*–ମଧୁସୂଦନ ନଗର, କଟକ, ମୋ: ୭୦୬୪୭୨୮୧୪୫*

# ବାଲିଘର

**–ରଜତ ମହାନ୍ତି**

ମନ ତ ମନୁଆ
ସଂସାର କଥାକୁ
କେବେ ତା'ର ନିଘା ଥାଏ ?
ଭଗ୍ନ ବାଲିଘର
ବାଲିରୁ ସେ ତା'ର
ବାଲିଘର ଗଢୁଥାଏ ॥

*–ବଳଗଣ୍ଡି, ପୁରୀ*
*ମୋ: ୮୯୦୮୦୬୬୫୬୨*

# ପାହିଯାଉ ଏଇ ରାତି

**– ଶ୍ୱେତପଦ୍ମା ପାଢ଼ୀ ତ୍ରିପାଠୀ**

ଗତ ମାସେ ଧରି ପୁନେ ମେଡିକାଲରେ ଚକ୍କର କାଟୁଛି ଗୌତମୀ । ଆଶିଣ ଆସି ମା' ଫେରିଯିବା ସମୟ ହେଲାଣି କିନ୍ତୁ ଗୌତମୀ ଏଥର ପାର୍ବଣକୁ ଉପଭୋଗ କରିପାରିନାହିଁ ! ବାପାଙ୍କ ପାଖରେ ବୋଉ ରୁହେ, ଆଉ ଗୌତମୀ ରାତିରେ ଘରକୁ ଯାଇ ସକାଳୁ ନିତ୍ୟକର୍ମ ସାରିଦେଇ ମେଡିକାଲ ଆସେ । ସେଦିନ ଖରାବେଳେ ବାପାଙ୍କ ଦେହ ପୁଣି ବିଗିଡ଼ିଗଲା । ବ୍ଲଡ୍ ପ୍ଲାଜ୍ମା ଯୋଗାଡ଼ କରିବା, ରକ୍ତ ପରୀକ୍ଷା, ଏଣ୍ଡୋସ୍କୋପି ଦୁନିଆ ପରୀକ୍ଷା ନିରୀକ୍ଷା । ଯୋଉ ବିଭାଗକୁ ଯିବ ସେଇଠି ଘଣ୍ଟାଏ ଘଣ୍ଟାଏ ଲାଇନ୍ । ଏମିତି ହେଇ ସମୟ ହେଇଗଲା ରାତି ଏଗାର । ବାପାବୋଉ ସେଇଠି ରହିଯିବାକୁ କହୁଥିଲେ, ହେଲେ ବସାରେ ଅଫିସ୍ ଲାପ୍‌ଟପ୍‌ରେ ସେହି ରାତିରେ କାମ କରିବାକୁ ଥିଲା ।

ବାପାଙ୍କ କ୍ୟାବିନରୁ ଲିଫ୍ଟ ଛଡ଼ା ଶିଡ଼ି ଦେଇ ଯିବାଆସିବା ରାସ୍ତା ଦୁଇଟା । ସାମ୍ନାପଟ ଶିଡ଼ିରେ ଦିନରାତି ଲୋକ ଯିବାଆସିବା । ପଛପଟ ଗେଟ୍‌ପଟୁ ଘର ପାଇଁ ରାସ୍ତା ଧରିବା ସହଜ ହୁଏ ବୋଲି ଗୌତମୀ ପଛପଟ ପାର୍କିଂରେ ହିଁ ସ୍କୁଟି ରଖେ । ବାହାରେ ମୂଷଳ ଧାରାରେ ଲଗାତର ବର୍ଷା । ପ୍ରବଳ ବର୍ଷାରାତିକୁ ପଛପଟ ଶିଡ଼ି ଶୂନଶାନ୍, ନିଶବ୍ଦ । ତଳ ଦୁଇ ମହଲାରୁ ଗୋଟିଏ ବର୍ନ ୱାର୍ଡ ଆଉ ଗୋଟେ ଗାଇନିକ୍ ୱାର୍ଡ । ନିଶବ୍ଦ ରାତିରେ ଯନ୍ତ୍ରଣାର ଚିତ୍କାର ଆହୁରି ଭୟଙ୍କର ଲାଗୁଥିଲା ଗୌତମୀକୁ । ସେତିକିବେଳେ ବର୍ନ ୱାର୍ଡର କରିଡର ବେଞ୍ଚ୍‌ରେ ବସିଥିବା ଲୋକଟେ ଗୌତମୀ ପଛେ ପଛେ ଚାଲିଲା । ଗୌତମୀ ଭୟରେ ଶୀଘ୍ର ଶୀଘ୍ର ପାହୁଣ୍ଡ ପକେଇ ଶିଡ଼ି ଓହ୍ଲାଇଲା । ତଳ କରିଡରେ ପହଞ୍ଚି ପଛପଟକୁ ଚାହିଁ ଦେଖିଲା ଗୌତମୀ । ଲୋକଟା ଆଖିରେ ନିଆଁ । ତଳ କରିଡର ଗେଟ୍ ପାଖରେ ଗାର୍ଡ ଥିବ ଭାବି ଗୌତମୀ ଦୌଡ଼ିଲା । ଏଥର ଲୋକଟା ବି ପଛରେ ଦୌଡ଼ିଲା । କିନ୍ତୁ ସେଇଠି ଗାର୍ଡ ନ ଥିଲା । ସେଇ ବର୍ଷାରେ ଗୌତମୀ ଦୌଡ଼ିଲା ପାର୍କିଂ ଆଡ଼େ । ସେତେବେଳକୁ ଲୋକଟା ଆସି ଗୌତମୀକୁ ଟଣାଓଟରା କଲାଣି । ରାସ୍ତା ସେପଟ ମଣ୍ଡପରୁ ଶୁଭୁଥିଲା ମାଁଙ୍କ ଘଣ୍ଟଧ୍ୱନି । ଭୟାତୁରା ଗୌତମୀ ଅଦ୍ଭୁତ ଭାବରେ ଦୃଢ଼ ଓ ଶକ୍ତିମୟୀ ହୋଇ ଉଠିଲା । ଲୋକଟାର ତଳିପେଟକୁ ଶକ୍ତ ଭାବରେ ଗୋଇଠାଟେ ପକେଇବା ସହ ହାତରେ ଧରିଥିବା ମୋବାଇଲ ଫୋନ୍‌ରେ ତା'ର ହନୁହାଡ଼କୁ ଯେତେ ଜୋର୍‌ରେ ପାରେ ସେତେ ଜୋର୍‌ରେ ପିଟିଦେଲା । ଯନ୍ତ୍ରଣାରେ ଚିତ୍କାର କରି ଲୋକଟି ତଳେ ପଡ଼ିଗଲା । ଗୌତମୀ ସ୍କୁଟି ଷ୍ଟାର୍ଟକରି ବିଜୁଳି ବେଗରେ ସେଇଠୁ ବାହାରିଗଲା । ଭୟ ସହ ଆତ୍ମବିଶ୍ୱାସରେ ସ୍କୁଟି ଚଳାଉଥିବା ବେଳେ କେବଳ ସେ କହୁଥିଲା, ''ମା' ଗୋ, ମୋତେ ଶକ୍ତି ଦେ, ପାହିଯାଉ ଏଇ ରାତି!''



*– ପୁନେ, ମହାରାଷ୍ଟ୍ର, ମୋ: ୯୧୬୮୦୫୩୮୬୮*



# କଥା ରଖିଲେ ଜାହ୍ନବୀ

ଜାହ୍ନବୀ କପୁର ଯାହା କହିଥିଲେ ତାହା ପୂରଣ କରିଛନ୍ତି। କଥା କ'ଣ କି ତାଙ୍କ ଅଭିନୀତ ବିଗ୍ ବଜେଟ୍ ତଥା ଷ୍ଟାର ଷ୍ଟଡେଡ୍ ଫିଲ୍ମ 'ଦେଓ୍ୱରା-୧' ବକ୍ସ ଅଫିସରେ ଭଲ ବିଜନେସ କରୁଛି। ଚିତ୍ରଟି ହିଟ୍ ହେଲେ ସେ ତାଙ୍କର କେତେଜଣ ସାଙ୍ଗଙ୍କୁ ଡିନରରେ ଆପ୍ୟାୟିତ କରିବେ ବୋଲି ପୂର୍ବରୁ କହିଥିଲେ। ଏବେ ଯେତେବେଳେ ଫିଲ୍ମଟି ଦର୍ଶକାଦୃତ ହେବା ସହ ହିଟ୍ ପର୍ଯ୍ୟାଭୁକ୍ତ ହୋଇଛି, ସେ ବା ନିଜ କଥାରୁ ଓହରି ଯାଆନ୍ତେ କିପରି? ତେଣୁ ନିକଟରେ ସେ ସାଙ୍ଗମାନଙ୍କୁ ନିଜ ଘରକୁ ନିମନ୍ତ୍ରଣ କରିଥିଲେ। ସେମାନେ ମଧ୍ୟ ଠିକ୍ ସମୟରେ ଜାହ୍ନବୀଙ୍କ ଘରେ ପହଞ୍ଚି ଯାଇଥିଲେ। ଡିନର ପୂର୍ବରୁ ବେଶ୍ କିଛି ସମୟ ଗୁଲିଖଟି ଚାଲିଲା। ଆଉ ଶେଷରେ ସମସ୍ତେ ମିଶି ଡିନର୍‌ର ମଜା ନେଇଥିଲେ। 'ଦେଓ୍ୱରା-୧' ଟାଇଟଲ ବିଶିଷ୍ଟ ତାମିଲ ଫିଲ୍ମଟି ସେପ୍ଟେମ୍ବର ୨୭ରେ ରିଲିଜ ହୋଇଛି। କୋରାଟାଲା ଶିବା ଏହାର କାହାଣୀ ରଚନା କରିବା ସହ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ଉକ୍ତ ସିନେମାର ମୁଖ୍ୟ ଭୂମିକାରେ ଜୁନିୟର ଏନଟିଆର, ସୈଫ ଅଲ୍ଲୀ ଖାଁ ଏବଂ ପ୍ରକାଶ ରାଜ ଅଭିନୟ କରିଛନ୍ତି।


ଜାହ୍ନବୀ


ମନୋଜ

# ଭୁଲି ପାରୁନାହାନ୍ତି ମନୋଜ

ମନୋଜ ବାଜପାୟୀ ଅଭିନୟରେ କେତେ ଦକ୍ଷ ତାହା କହିବା ବାହୁଲ୍ୟ। କିନ୍ତୁ ଯେତେବେଳେ ସେ ବଲିଉଡ୍‌ରେ ଏଣ୍ଟ୍ରି କଲେ ସେତେବେଳେ ତାଙ୍କୁ ବେଶ୍ ସଂଘର୍ଷ କରିବାକୁ ପଡିଥିଲା। ପ୍ରତିଟି ରୋଲ୍‌କୁ ସେ ଗମ୍ଭୀରତାର ସହ ନେଉଥିଲେ। ଯେଉଁ ଭୂମିକା ହେଉ ନା କାହିଁକି ତାହାକୁ ସେ ବେଶ୍ ସୂଚାରୁ ରୂପେ ତୁଲାଉଥିଲେ। ତେବେ ଅଭିନୟ କ୍ୟାରିୟରର ଏଇ ପ୍ରାରମ୍ଭିକ ସ୍ତରରେ କେତୋଟି ନୂଆ ପ୍ରୋଜେକ୍ଟ କିନ୍ତୁ ତାଙ୍କୁ ଚିନ୍ତାଗ୍ରସ୍ତ କରିଥିଲା। କାରଣ ସେହି ଭୂମିକାକୁ ସେ କିପରି ଜଷ୍ଟିସ ଦେବେ ସେନେଇ ଯୋଜନା ପ୍ରସ୍ତୁତ କରିବା ବେଳେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏନେଇ ମନୋଜ କହନ୍ତି, 'କେତୋଟି ପ୍ରୋଜେକ୍ଟ ବିଷୟରେ ଚିନ୍ତା କରିବା ସମୟରେ ମୁଁ ଟିକେ ବ୍ୟତିବ୍ୟସ୍ତ ହୋଇପଡିଥିଲି। କାରଣ ସେହି ଭୂମିକାଗୁଡ଼ିକ ହିଁ ସେପରି ଥିଲା, ଯାହାକୁ କଦାପି ହାଲ୍‌କା ଭାବରେ ନିଆଯାଇ ନ ପାରେ। ଏଥିପାଇଁ କେତେ ଥର ମୁଁ ସାରା ରାତି ଶୋଇପାରନି। ପରବର୍ତ୍ତୀ ସମୟରେ କିନ୍ତୁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କଲି। ହେଲେ ସେତେବେଳର ସେହି ସାରା ରାତି ଉଜାଗର ରହିବାକୁ ମୁଁ ଏ ଯାଏ ଭୁଲି ପାରୁନି।'

# କେବଳ ଅପେକ୍ଷା

ଚନ୍ଦନ ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ହିଟଲର୍'। ଏଇ ଫିଲ୍ମଟି ଖୁବ୍ ଶୀଘ୍ର ମୁକ୍ତିଲାଭ କରିବ ବୋଲି ସୂଚନା ଦେଇଛନ୍ତି ଏହାର ନିର୍ଦ୍ଦେଶକ ସୁଧାରକ ବସନ୍ତ। ଫିଲ୍ମର କାହାଣୀରେ ଆକ୍ସନ ଏବଂ ଫ୍ୟାମିଲି ଡ୍ରାମା ଭରି ରହିଛି। ଚିତ୍ରର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ଦୀପକ। ଡ. ପ୍ରକାଶ ଶ୍ରୀଚନ୍ଦନ ଏହାର ପ୍ରଯୋଜନା କରିଛନ୍ତି। ଦିଲ୍ଲୀପ ଶ୍ରୀଚନ୍ଦନଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ମନୋରଞ୍ଜନ ରାଉଳ। ଅଜିତ ପ୍ରକାଶ ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି। ଏଥିରେ ଦୀପକଙ୍କ ବ୍ୟତୀତ ଅର୍ଲିନ ଅଙ୍କିତା, ସୁକାନ୍ତ ପାତ୍ର, ହରିହର ମହାପାତ୍ର, ଦିବ୍ୟା, ସିଆ, ରାଜଶ୍ରୀ, ଦୁର୍ଗା, ପଲଶ କୁମାର, ମଧୁସୂଦନ ରାଓଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଫିଲ୍ମରେ ସଂଯୋଜିତ ତଥା ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅନ୍ୟତମ ଆଗଧାଡିର ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର। ଏହାପୂର୍ବରୁ ଏହି ବ୍ୟାନରରେ 'ମହା ଶଙ୍କରା' ନିର୍ମିତ ହୋଇଥିଲା। ନିର୍ଦ୍ଦେଶକ ସୁଧାକର ବସନ୍ତ କହନ୍ତି, ''ଆମ ବ୍ୟାନରରେ ଆମେ ସବୁବେଳେ କାହାଣୀ ଏବଂ କଳାକାର ଚୟନକୁ ଗୁରୁତ୍ୱ ଦେଇଥାଉ। ତା'ସହ ଫିଲ୍ମର ସଂଳାପ, ସଙ୍ଗୀତ ଏବଂ ଉପସ୍ଥାପନା ଦିଗ ପ୍ରତି ମଧ୍ୟ ଶତ ପ୍ରତିଶତ ଦୃଷ୍ଟି ଦିଆଯାଏ।'


ଦୀପକ-ଅର୍ଲିନ

# ପୂଜା ଯାହା ଖୋଜୁଥିଲେ...

କଥାରେ ଅଛି-ଏମନ ଖୋଜୁଥାଏ ଯାହା କାଳେ ପ୍ରାପତ ହୁଏ ତାହା। ଦେଖୁନାହାନ୍ତି, ମନଲାଖି ଭୂମିକାଟିଏ ପାଇବା ପରେ ପୂଜା ହେଗଡେ କେମିତି ଖୁସିରେ ଉଚ୍ଛୁଳୁଛନ୍ତି। କଥା କ'ଣ କି ସମାଜ ସେବା ଉପରେ ପର୍ଯ୍ୟବସିତ ଏକ ଫିଲ୍ମରେ ସେ ଅଭିନୟ କରିବାକୁ ଯାଉଛନ୍ତି। ଯଦିଓ ଏହାର ଟାଇଟଲ ଫାଇନାଲ ହୋଇନାହିଁ, ହେଲେ ଏହାର ପ୍ରାରମ୍ଭିକ କାମ ଚାଲୁ ରହିଛି। ଏଭଳି ଏକ ଭୂମିକା ସମ୍ପର୍କରେ ପୂଜା କହନ୍ତି, 'ଜଣେ ଗାଁଉଲି ନାରୀ ସମାଜସେବା କରିବାକୁ ଆଗଭର ହୋଇଛି। ହେଲେ ଏକ ନିପଟ ମଫସଲରେ ତାହାର ପ୍ରକୃତ ଅର୍ଥକୁ ବୁଝିବାକୁ ଅନେକେ ନାରାଜ। ଏପରି କି ନିଜ ପରିବାରର କିଛି ସଦସ୍ୟ ମଧ୍ୟ ତାକୁ ବିରୋଧ କରିଛନ୍ତି। ହେଲେ ଦୃଢ଼ମନା ସେହି ନାରୀ ନିଜ ଲକ୍ଷ୍ୟ ସାଧନ କରିବାକୁ ଅଣ୍ଟା ଭିଡିଛି। ଶେଷରେ ସେ ନିଜ ଜୀବନକୁ ବାଜି ଲଗାଇବାକୁ ବି ପଛାଉ ନାହିଁ। ଏହି ଫିଲ୍ମ ପାଇଁ ଏକ ଭଲ ଟାଇଟଲ ସନ୍ଧାନରେ ଅଛନ୍ତି ପ୍ରଯୋଜକ।' ତେବେ ଏଭଳି ଏକ ଭୂମିକା ପୂଜାଙ୍କ ଆକ୍ଟିଂ କ୍ୟାରିୟରକୁ କି ମୋଡ ଦେଉଛି ତାହା ଦେଖିବାକୁ ବାକି ରହିଲା।

# ହିସାବ କରୁଛନ୍ତି ବାଣୀ

ବାଣୀ କପୁରଙ୍କ ହିନ୍ଦୀ ସିନେମା କ୍ୟାରିୟର ଆରମ୍ଭ ହୋଇଥିଲା ୨୦୧୩ରୁ। ପ୍ରଥମ ସିନେମା ଥିଲା 'ଶୁଦ୍ଧ ଦେଶୀ ରୋମାନ୍ସ'। ଇତିମଧ୍ୟରେ ସେ ତାଙ୍କ ବଡ଼ ପରଦା କ୍ୟାରିୟରର ନବମ ବର୍ଷ ପୂରଣ କରିଛନ୍ତି। ହେଲେ ୟା' ଭିତରେ ସେ କେତୋଟି ସିନେମାରେ ଅଭିନୟ କରିଛନ୍ତି ଜାଣନ୍ତି? ମାତ୍ର ୮ଟି। ଗତ ଦୁଇ ବର୍ଷ ହେବ ତାଙ୍କ ଅଭିନୀତ ଗୋଟିଏ ହେଲେ ସିନେମା ପରଦା ଉପରକୁ ଆସିନାହିଁ। ବାଣୀଙ୍କ ଅଭିନୀତ ଶେଷ ଫିଲ୍ମ ଥିଲା 'ଖେଲ୍ ଖେଲ୍ ମେଁ'। ଅକ୍ଷୟ କୁମାର ଏବଂ ତାପସୀ ପାନ୍ନୁଙ୍କ ପରି ନାମୀ କଳାକାର ଏଥିରେ ଥିଲେ ମଧ୍ୟ ଫିଲ୍ମଟି ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା। ଯେତେବେଳେ ସେ ବଲିଉଡ୍‌ରେ ଏଣ୍ଟ୍ରି କଲେ, ସେତେବେଳେ ଆଖିରେ ଆଖିଏ ସ୍ୱପ୍ନ ଥିଲା। କିନ୍ତୁ ସେ ଯାହା ଆଶା କରୁଥିଲେ, ତାହା ତ ପୂରଣ ହେଲା ନାହିଁ। ତେଣୁ 'କାନ୍ଧୁଆ' ଯାହା ପାଉଛୁ ବାନ୍ଧୁଆ' ନୀତିରେ ଯେଉଁ ଅଫରଟିଏ ମିଳିଲା, ତାହାକୁ ହାତଛଡ଼ା କରି ନ ଥିଲେ। ନିଜର କ୍ୟାରିୟର ସମ୍ପର୍କରେ ବାଣୀ କହନ୍ତି, ''ନଅ ବର୍ଷ ଭିତରେ ମୁଁ ମାତ୍ର ସାତୋଟି ସିନେମାରେ ଅଭିନୟ କରିଛି। ଅବଶ୍ୟ ମନ ଦୁଃଖ ଲାଗୁଛି। ହେଲେ ଫିଲ୍ମଟିଏ ମିଳିବା ତ ମୋ ହାତର କଥା ନୁହେଁ। ଯେତେବେଳେ ପ୍ରଯୋଜକ ଚାହିଁବେ, ମୋତେ ଚାନ୍ସ ଦେବେ। ହେଲେ ଏତିକି କହିବି, ଏ ପର୍ଯ୍ୟନ୍ତ ମୋତେ ଯେଉଁ ଭୂମିକାଗୁଡିକ ମିଳିଛି ତାହା ମୋତେ ଶତ ପ୍ରତିଶତ ଆତ୍ମତୃପ୍ତି ଦେଇଛି।''


ବାଣୀ


ପୂଜା

# କଥା ପାଞ୍ଚ ମାସର

ସତରେ ଗୋଟିଏ ସିନେମା ସାଇନ୍ କରିବା ପୂର୍ବରୁ କେତେକ କଳାକାରଙ୍କୁ ବେଶ୍ ପରିଶ୍ରମ କରିବାକୁ ପଡ଼ିଥାଏ। ଏପରି କି ବାରମ୍ବାର ଅଡିଶନ ଦେବାକୁ ହୋଇଥାଏ। ସେହିପରି ଏକ ଘଟଣାକୁ ଏ ପର୍ଯ୍ୟନ୍ତ ମନେରଖିଛନ୍ତି ଭୂମି ପେଦନେକର୍। କଥା କ'ଣ କି 'ଦମ୍ ଲଗାକେ ହୈସା'ର ଅଡିଶନ୍‌ରେ ଉତ୍ତୀର୍ଣ୍ଣ ହେବା ପାଇଁ ଭୂମିଙ୍କୁ ବେଶ୍ ପରିଶ୍ରମ କରିବାକୁ ପଡ଼ିଥିଲା। ଏହି ଫିଲ୍ମ ଲାଗି ସେ ପାଖାପାଖି ଅଢ଼େଇ ମାସ ଅଡିଶନ୍ ଦେଇଥିଲେ। ଯେଉଁଥିରେ ଅତିକମ୍‌ରେ ୧୦୦ ଜଣ ନବାଗତା ଅଂଶଗ୍ରହଣ କରିଥିଲେ। ଶେଷରେ ନିର୍ଦ୍ଦେଶକ ଶରତ କଟାରିୟାଙ୍କୁ ପସନ୍ଦ ଆସିଥିଲେ ଭୂମି। ଏ ନେଇ ଭୂମି କହନ୍ତି, ''ଏହି ଫିଲ୍ମର ସନ୍ଧ୍ୟା ଭୂମିକାରେ ମୁଁ ଅଭିନୟ କରିଥିଲି। ହେଲେ ଏଥିପାଇଁ ମୋତେ ପ୍ରାୟ ଅଢ଼େଇ ମାସ ଅଡିଶନ ଦେବାକୁ ପଡ଼ିଥିଲା। ଯେତେବେଳେ ମୁଁ ସିଲେକ୍ଟ ହୋଇଛି ବୋଲି ନିର୍ଦ୍ଦେଶକ ମୋତେ ଫୋନ୍ ମାଧ୍ୟମରେ ସୂଚନା ଦେଲେ, ସେତେବେଳେ ସେହି କଥାକୁ ମୁଁ ସହଜରେ ଗ୍ରହଣ କରିପାରି ନ ଥିଲି। ଏହି ଫିଲ୍ମ ପାଇଁ ମୋତେ ୩୦ କେ.ଜି. ଓଜନ ବଢାଇବାକୁ ପଡ଼ିଥିଲା। ଆଉ ଫିଲ୍ମର ଶୁଟିଂ ଶେଷ ହେବାପରେ ମାତ୍ର ପାଞ୍ଚ ମାସ ଭିତରେ ବହୁତ କଷ୍ଟକରି ମୁଁ ମୋ ଓଜନକୁ ୩୫ କି.ଗ୍ରା. ଓଜନ କମାଇଥିଲି।''


ଭୂମି

ପ୍ରଥମ ରୋଜଗାର

# ବହିପତ୍ର କିଣାରେ ଖର୍ଚ୍ଚ କରିଥିଲି



ସାହିତ୍ୟିକ ତଥା ଶିକ୍ଷାବିତ୍ **ଶ୍ରୀବିଷ୍ଣୁପ୍ରସାଦ ଦଳେଇ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଡକ୍ଟର ମାୟାଧର ମାନସିଂହଙ୍କ ଭିଟାମାଟି କୁହାଯାଉଥିବା ନନ୍ଦଳା ଗ୍ରାମରେ ମୋ ଜନ୍ମ। ଯୌଥ ପରିବାରରେ ବଢ଼ିଛି ; ତେଣୁ ସବୁ ପରିସ୍ଥିତିରେ କେମିତି ଆଡ୍‌ଜଷ୍ଟ କରି ଚଳିବାକୁ ହୁଏ ତାହା ମୁଁ ପିଲାଟି ଦିନରୁ ଶିଖିଛି। ସେମିତି ବୋଉ ସାବିତ୍ରୀ ଦେବୀ ଓ ବାପା ପ୍ରଭାକର ଦଳେଇଙ୍କଠାରୁ ପରୋପକାର କରିବାର ଶିକ୍ଷା ପାଇଛି। ସେଥିପାଇଁ ପାଠପଢ଼ା ସାଙ୍ଗକୁ ଛୋଟବେଳୁ କାହାକୁ ବିପଦରେ ପଡ଼ିଥିବାର ଦେଖିଲେ ତାକୁ ନିଜ ସାଧ୍ୟମତେ ସାହାଯ୍ୟ କରିବାକୁ ଆଗେଇଯାଏ। ଏମିତି ଏମିତିରେ ସ୍କୁଲପଢ଼ା ସରିବା ପରେ ଗୋଦାବରୀଶ ମହାବିଦ୍ୟାଳୟରେ ଯୁକ୍ତ୨ ଓ ଫିଜିକ୍ସ ଅନର୍ସ ନେଇ ଯୁକ୍ତ୩ ପଢ଼େ। ପରେ ମାଥ୍‌ମାଟିକ୍ସରେ ଓ ଓଡ଼ିଆରେ ପି.ଜି. କରେ। ମୋର ଜଣେ ବଡ଼ ଭାଇ ମୋତେ ପାଠପଢା ପାଇଁ ପ୍ରାୟତଃ ଆର୍ଥିକ ସାହାଯ୍ୟ କରିଥାନ୍ତି। ବୋଉ ବି ହାତଖର୍ଚ୍ଚ ପାଇଁ ମୋ ପାଖକୁ କିଛି ଟଙ୍କା ପ୍ରତିମାସ ପଠାଇଥାଏ। ତେଣୁ ମେସ୍ ଭଡ଼ା ଆଉ ହାତଖର୍ଚ୍ଚ ବାଦ୍ ଯାହା ଟଙ୍କା ବଳେ, ତାକୁ ନେଇ ପାସ୍‌ବୁକ୍‌ରେ ରଖିଦିଏ। ଆବଶ୍ୟକ ବେଳେ ଯଦି କିଏ ଆର୍ଥିକ ସାହାଯ୍ୟ ମାଗେ ତା'ହେଲେ ପାସ୍‌ବୁକ୍‌ରୁ ଟଙ୍କା ଉଠାଇ ତାକୁ ଦିଏ। ତା'ଛଡ଼ା ପଢ଼ାପଢ଼ିରେ ସଉକ ଥିବାରୁ ବେଳେବେଳେ ଏହି ସଞ୍ଚିତ ଟଙ୍କାରେ ବିଭିନ୍ନ ପ୍ରକାର ବହି କିଣି ଦେଇଥାଏ। ଏହି ଧାରା ମୋର ଚାକିରି କରି ବାହାଘର ପର୍ଯ୍ୟନ୍ତ ଚାଲିଥାଏ। ଅର୍ଥାତ୍ ପି.ଜି. ପଢା ସରିବା ପରେ ମୁଁ ଯେତେବେଳେ ବେସରକାରୀ ଭାବେ କନ୍ଧାଖାଇ କଲେଜରେ ଫିଜିକ୍ସ ଡେମୋନଷ୍ଟ୍ରେଟର ଭାବେ କାମ କରୁଥିଲି, ସେତେବେଳେ ମୋତେ ମାସକୁ ମାତ୍ର ୮୦୦ରୁ ୧୦୦୦ଟଙ୍କା ଦରମା ମିଳୁଥିଲା। ଘରର ଚଳଣି ସ୍ୱଚ୍ଛଳ ନ ହେଲେ ବି ଚଳନୀୟ ଥିବାରୁ ବାପା କି ବୋଉ କେହି ବି ଦିନେ ମୋ ଦରମା ଟଙ୍କା ନେଉ ନ ଥିଲେ। ଓଲଟା ସେମାନେ ମୋତେ ଏତେ ସ୍ୱଳ୍ପ ଟଙ୍କାରେ ବାହାରେ ଚଳିବାରେ ଅସୁବିଧା ହେଉଥିବ ଭାବି ମୋ ପକେଟ୍‌ରେ ବେଳେବେଳେ ପଇସା ଗୁଞ୍ଜି ଦେଉଥିଲେ। ମୋ ବାହାଘର ପର୍ଯ୍ୟନ୍ତ ସେମାନେ ଦିନେ ପଇସା ନେଇ ନାହାନ୍ତି କି ମୁଁ ବି ସେମାନଙ୍କୁ କେବେ ଦେଇନି। ସବୁ କିଛି ବହି କିଣା ଆଉ ପରୋପକାରରେ ସାରିଛି। କିନ୍ତୁ ବାହାଘର ପରେ ଦାୟିତ୍ୱ ଆସିବାରୁ ଘରକୁ କ୍ରମେ ଆର୍ଥିକ ସାହାଯ୍ୟ କରିବାକୁ ଲାଗିଲି। ତେବେ ପ୍ରାୟ ୯/୧୦ ବର୍ଷ ପର୍ଯ୍ୟନ୍ତ କନ୍ଧାଖାଇ କଲେଜରେ ଚାକିରି କରିବା ପରେ ମୋତେ ବ୍ରହ୍ମଗିରି ନିକଟସ୍ଥ ଗଡ଼କୋକଲ ଉଚ୍ଚ ବିଦ୍ୟାଳୟରେ ସରକାରୀ ବିଜ୍ଞାନ ଶିକ୍ଷକ ଭାବେ ନିଯୁକ୍ତି ମିଳିଲା। ୨୦୧୬ ଯାଏ ଏଠି ଶିକ୍ଷକତା କରିବା ପରେ ମୋର ଆମ ଗାଁରେ ଥିବା ଡ. ମାୟାଧର ମାନସିଂହ ମେମୋରିଆଲ ହାଇସ୍କୁଲ୍‌କୁ ବଦଳି ହେଲା ; ଯେଉଁଠାରେ ଏବେ ବି ବିଜ୍ଞାନ ଶିକ୍ଷକ ଭାବେ ମୁଁ କାର୍ଯ୍ୟରତ। ଏ ତ ଥିଲା ମୋ ଚାକିରି ଜୀବନ କଥା। ଏହାବାଦ୍ ଲେଖାଲେଖିରେ ବି ମୋର ରୁଚି ରହିଛି। ୯ମ ଶ୍ରେଣୀରେ ପଢ଼ିଲାବେଳେ ପ୍ରଥମ କରି ଗୋଟିଏ ଗପ ଲେଖିଥିଲି ; ଯାହାର ଶୀର୍ଷକ ଥିଲା 'ସାନପୁଅ'। ଏହା ଆମ ଗଣିତ ସାର୍‌ଙ୍କର ଏକ ହାତଲେଖା ମାଗାଜିନ୍‌ରେ ପ୍ରକାଶ ପାଇଥିଲା। ସେମିତି କନ୍ଧାଖାଇ କଲେଜରେ ଚାକିରି କଲାବେଳେ କଲେଜ ମୁଖପତ୍ରରେ 'ଓଡ଼ିଆ ପୁଅର କଲ୍‌କୀ ଖଡ଼ଗ' ଶୀର୍ଷକ ମୋର ପ୍ରଥମ କବିତା ପ୍ରକାଶ ପାଇଲା। ବାସ୍ ତା'ପରଠୁ କ୍ରମେ ଗପ, କବିତା, ନାଟକ ଆଦି ଲେଖି ଚାଲିଲି।

ୟା'ଭିତରେ 'ତୁରୀ' ଶୀର୍ଷକ ଏକ କବିତା ସଂକଳନ ମୋର ପ୍ରକାଶ ପାଇସାରିଛି। ତା'ସହିତ ମୋ ଲିଖିତ 'କାଳିଜାଈ' ଗୀତିନାଟ୍ୟ ଏବଂ 'ଲୀଳାକ୍ଷେତ୍ରେ ଲୀଳାମୟ' ନାଟକ ମଞ୍ଚସ୍ଥ ହୋଇ ଦର୍ଶକାଦୃତ ଲାଭ କରିସାରିଛି। ଏହାବାଦ୍ ମୁଁ ବର୍ତ୍ତମାନ ଦୁଇଟି ସାହିତ୍ୟ ଅନୁଷ୍ଠାନ 'ମାନସିଂହ ସାହିତ୍ୟ ସଂସଦ'ର ସଭାପତି ଏବଂ 'ଆମ ପୁସ୍ତକ ମେଳା'ର ସଂପାଦକ ଦାୟିତ୍ୱ ମଧ୍ୟ ତୁଲାଉଅଛି।

ସାଥୀ

# ପହିଲି ଇସାରା ସୁଆଦ ମିଠା, ସହଜେ ଛାଡେନା ପ୍ରେମର ଅଠା



**ପ୍ରଶ୍ନ**—ଥରେ ଜଣେ ସୁନ୍ଦରୀ ମୋତେ ଚାହିଁ ହସିଦେଲା। ଏବେ ମୋତେ ଏମିତି ଲାଗୁଛି ଯେ ସେହି ପ୍ରଥମ ଦେଖାରେ ହିଁ ମୁଁ ତା' ପ୍ରେମରେ ପଡିଯାଇଛି। ଏବେ ଆଗକୁ ଆଗେଇବା ଠିକ୍ ହେବ ତ ? *–ଅମୀୟ କୁମାର, ଖୋର୍ଦ୍ଧା*

**ଉତ୍ତର:** ସେହି ତରୁଣୀର ପ୍ରଥମ ହସରେ ଆପଣଙ୍କ ମନ ବନ୍ଧା ପଡିଯାଇଛି ନୁହେଁ ? କାରଣ 'ପହିଲି ଇସାରା ସୁଆଦ ମିଠା, ସହଜେ ଛାଡେନା ପ୍ରେମର ଅଠା'। ତେଣୁ ଯଦି ସେହି ହସରୁ ପ୍ରେମର ଝଲକ ପାଉଛନ୍ତି ଆଉ ସେପଟୁ ଯଦି ରାସ୍ତା କ୍ଲିୟର ତେବେ ବିଳମ୍ବ କରୁଛନ୍ତି କିଆଁ ? ସମୟ ସୁବିଧା ଦେଖି ସେହି ସୁନ୍ଦରୀ ଠାରେ ବହି ଫିଟ୍ କରିଦିଅନ୍ତୁ। କାରଣ ପ୍ରେମର ରଙ୍ଗ କେତେବେଳେ ବଦଳି ଯିବ ତାହା କଳ୍ପନା କରିବା କଷ୍ଟକର। ତେଣୁ ଅବସ୍ଥା ଦେଖି ତୁରନ୍ତ ବ୍ୟବସ୍ଥା କରନ୍ତୁ।

**ପ୍ରଶ୍ନ**—କେତେ କଷ୍ଟରେ ଜଣେ ଝିଅକୁ ପଟେଇଥିଲି। ହେଲେ ସେ ଅଧା ବାଟରେ ମୋତେ ଧୋକା ଦେଇ ଚାଲିଗଲା। ତା'ପରେ କେତେ ଜଣ ସୁନ୍ଦରୀଙ୍କୁ ପ୍ରେମ ନିବେଦନ କରିସାରିଲିଣି। ହେଲେ କିଛି ଫଳ ହେଉନି। ମୁଁ କ'ଣ ମନ ପସନ୍ଦର ପ୍ରେମିକା ପାଇବି ନାହିଁ ? *–ଦୀପକ ସାହୁ, ଅନୁଗୋଳ*

**ଉତ୍ତର:** ପ୍ରେମର ଅସଲ ବର୍ଣ୍ଣବୋଧକୁ ପ୍ରଥମେ ଭଲ ଭାବରେ ମୁଖସ୍ଥ କରନ୍ତୁ। ତରବର ହୋଇ ଏହି ରାସ୍ତାରେ ଆଗେଇଲେ ବାଟରେ ଧୋକା ଖାଇବାର ଯଥେଷ୍ଟ ଚାନ୍ସ ଥାଏ। ପ୍ରଥମ ପ୍ରେମରୁ ଧୋକା ପାଇବା ପରେ ନିଶ୍ଚୟ କିଛି ଶିଖିଥିବେ। ସେହି ସମୟର ତ୍ରୁଟିକୁ ପ୍ରଥମେ ସଂଶୋଧନ କରନ୍ତୁ। ନ ହେଲେ ପୁଣି ଥରେ ଠିକ୍ ସେମିତି ପରିସ୍ଥିତିର ସାମନା କରିବାର ସମ୍ଭାବନା ରହିଛି। ଦେଖୁନାହାନ୍ତି, ତା'ପରେ କେତେଜଣ ତରୁଣୀଙ୍କୁ ପ୍ରେମ ନିବେଦନ କରିସାରିଲେଣି। ହେଲେ ଫଳ 'ଶୂନ' ହେଉଛି। ତେଣୁ ଠିକ୍ ତରିକାରେ ପ୍ରେମ କରନ୍ତୁ। ପ୍ରେମର ସ୍ୱାଦ କିପରି ରସଗୋଲା ପରି ମିଠା ନିଜେ ଅନୁଭବ କରିପାରିବେ।

**ପ୍ରଶ୍ନ**—ସାଙ୍ଗ ବୁଦ୍ଧିରେ ପଡି ଯେଉଁ ଝିଅକୁ ପ୍ରେମ କଲି ସେ ମୋତେ ଅଧା ବାଟରେ ଏମିତି ନାମ ଦେଲା ଯେ ଆଉ ପ୍ରେମ କରିବାକୁ ମନ ହେଉନାହିଁ। ମୁଁ ମୋ ମନକୁ କେମିତି ବଦଳାଇବି କହିବେ କି ସାଥୀ ?

*–ଅମନ କୁମାର, ରାଉରକେଲା*

**ଉତ୍ତର:** କାହା ବୁଦ୍ଧିରେ ପଡି ପ୍ରେମ କଲେ ଏମିତି ପରିସ୍ଥିତିର ସାମନା କରିବାକୁ ପଡିଥାଏ। ଆପଣଙ୍କ ସାଙ୍ଗର ସଜେସନକୁ ଭଲ ଭାବରେ ପରଖି ନେବାର ଥିଲା। ତାଙ୍କ କଥାରେ ପଡି ଆଗ ପଛ ବିଚାର ନ କରି ଆଗେଇ ଗଲେ। ଆଉ ଅଧା ବାଟରେ ଏମିତି ବୁଦ୍ଧି ଶିଖିଲେ ଯେ ତାହାକୁ ବାଉଳି ହେଉଛନ୍ତି। କଥାରେ ଅଛି 'ଗତସ୍ୟ ଶୋଚନା ନାସ୍ତି'। ତେଣୁ ସେପରି ପ୍ରେମକୁ ଯେତେ ଶୀଘ୍ର ମନରୁ ପାଶୋରି ପକାଇ ନୂଆ ପ୍ରେମ ବିଷୟରେ ଚିନ୍ତା କରନ୍ତୁ ନା !

**ପ୍ରଶ୍ନ**—ତା' ଲାଜୁଆ ଚାହାଣୀ ମୋତେ ପାଗଳ କରିଦେଇଛି। ସେହି ଲାଜରେ କ'ଣ ପ୍ରେମ ଲୁଚି ରହିଛି ? *–ଜୀବନ ନାୟକ, ସୋନପୁର*

**ଉତ୍ତର:** ଲାଜେଇ ଝିଅର ଆଖିରେ ଅନେକ କଥା ଭରି ରହିଥାଏ। କାରଣ 'ଲାଜୁଆ ଆଖିର ଭିତିରି କଥା ଘଡିକେ ଘୁରାଇ ଦିଅଇ ମଥା'। ସେହି ଲାଜରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। ତେଣୁ ତା' ଲାଜକୁ ନେଇ ଆପଣ ଯଦି ଲାଜରେ ଝାଉଁଳି ପଡିଲେ ତେବେ ପ୍ରେମ କେମିତି ହେବ କହୁନାହାନ୍ତି ? ସେହି ଲାଜକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ସେଥିରୁ ପ୍ରେମର ସୂରାକ ପାଇଲେ ତେବେ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ।







# ଡେନିମ୍ ଶାଢି ଫ୍ୟାଶନ

**ଅଲ୍ ଟାଇମ୍ ଫ୍ୟାଶନେବଲ୍ ଲୁକ୍ ଦିଏ ଶାଢି। ସେଥିପାଇଁ ଏହା ବିଭିନ୍ନ ଫାବ୍ରିକ୍‌ରେ ଉପଲବ୍ଧ ହୁଏ। ସେମିତି ଆସିଛି ଡେନିମ୍ ଶାଢିର ଟ୍ରେଣ୍ଡ। ଏହି ଶାଢିର ଫାବ୍ରିକ୍ ସମ୍ପୂର୍ଣ୍ଣ ଡେନିମ୍ ମ୍ୟାଟେରିଆଲ୍ ନ ହେଲେ ବି ଏଥିରେ ଯେଉଁ ଡିଟେଲିଙ୍ଗ୍ କାମ କରାଯାଉଛି ତାହା ଡେନିମ୍ ଫାବ୍ରିକ୍‌ର ରହୁଛି...**




ଡେନିମ୍‌ର ଫ୍ୟାଶନ କେବେ ବି ଆଉଟ୍ ଡେଟେଡ୍ ହୁଏନି। ଏହାର ପ୍ୟାଣ୍ଟ ହେଉକି ସ୍କର୍ଟ ଅଥବା ଜ୍ୟାକେଟ୍ ସବୁକିଛି ବେଶ୍ ଟ୍ରେଣ୍ଡି ଲାଗେ। ଆଉ ଏବେ ତ ଡେନିମ୍ ଶାଢିର ବି ଫ୍ୟାଶନ ଆସିଗଲାଣି। ଏହି ଟାଇପ୍‌ର ଶାଢି ସାଧାରଣତଃ ସିମ୍ପଲ ଫାବ୍ରିକ୍‌ରେ ତିଆରି ହୋଇଥାଏ। କିନ୍ତୁ ଏଥିରେ ଯେଉଁ ଡିଟେଲିଙ୍ଗ୍‌ର କାମ ହୋଇଥାଏ, ତାହା ଡେନିମ୍ ଫାବ୍ରିକ୍‌ର ହୋଇଥାଏ। ସେଥିପାଇଁ ଏହାକୁ ଡେନିମ୍ ଶାଢି ବୋଲି କୁହାଯାଏ। ଜାଣନ୍ତୁ ଏହାର କିଛି ଲାଟେଷ୍ଟ ଡିଜାଇନ୍ ସମ୍ପର୍କରେ...

**✲ ଷ୍ଟାଇଲିଶ୍ ଡେନିମ୍ ଶାଢି:** ଟିକେ ଡିଫରେଣ୍ଟ ଶାଢି ଲୁକ୍ ପାଇବାକୁ ଇଚ୍ଛା ଥିଲେ ଡେନିମ୍ ଶାଢି ଏକ ଭଲ ବିକଳ୍ପ ହୋଇପାରେ। ସାଧାରଣତଃ ଏହି ଟାଇପ୍ ଶାଢିର ପଲ୍ଲୁ, ବଡି ଓ ବର୍ଡର୍‌ରେ କଟ୍ ଆଉଟ୍ ଡେନିମ୍ ଡିଜାଇନ୍ ହୋଇଥିବା ଦେଖିବାକୁ ମିଳିଥାଏ। ଏହି ଶାଢିକୁ ମ୍ୟାଚିଂ କରି ଡେନିମ୍ ଡିଜାଇନ୍‌ର ବ୍ଲାଉଜ୍ ପିନ୍ଧିଲେ ଲୁକ୍ ବେଶ୍ ଆକର୍ଷଣୀୟ ଦେଖାଯାଇଥାଏ।

**✲ ପ୍ଲେନ୍ ଡେନିମ୍ ଶାଢି:** ଏହି ଶାଢି ଡେନିମ୍ ଫାବ୍ରିକ୍‌ରେ ତିଆରି ହୋଇଥାଏ ସତ କିନ୍ତୁ ପିନ୍ଧିବାକୁ ବେଶ୍ ସଫ୍ଟ ଲାଗିଥାଏ। ଖାସ୍ କରି ଶୀତଦିନେ ପିନ୍ଧିବା ପାଇଁ ଏହି ଟାଇପ୍‌ର ଶାଢି ବେଷ୍ଟ ହୋଇଥାଏ।

**✲ କଟ୍ ଆଉଟ୍ ଡିଜାଇନ୍‌ର ଡେନିମ୍ ଶାଢି:** ଟିକେ ୟୁନିକ୍ ଷ୍ଟାଇଲ୍ ପାଇଁ ଯୁବତୀ ଚାହିଁଲେ କଟ୍ ଆଉଟ୍ ଡିଜାଇନ୍‌ର ଡେନିମ୍ ଶାଢି ବି ଟ୍ରାଏ କରିପାରିବେ। ଏହି ଟାଇପ୍‌ର ଶାଢି ପ୍ଲେନ୍ ହୋଇଥିଲେ ହେଁ ଏହାର ପଲ୍ଲୁରେ କଟ୍ ଆଉଟ୍ ଡିଜାଇନ୍ ହୋଇଥିବା ଯୋଗୁ ଏହା ଶାଢିକୁ ଟିକେ ଡିଫରେଣ୍ଟ ଲୁକ୍ ଦେଇଥାଏ। ସବୁଠୁ ଖାସ୍ କଥା ହେଉଛି ଏହି ଶାଢିକୁ ଯେ କୌଣସି ଅକେଜନ୍‌ରେ ପିନ୍ଧି ଆକର୍ଷଣୀୟ ଲୁକ୍ ପାଇହୁଏ।

**✲ ଡେନିମ୍ ଶାଢି ଜ୍ୟାକେଟ୍:** ଏହି ଟାଇପ୍‌ର ଶାଢି ଯୁବତୀଙ୍କୁ ସ୍ମାର୍ଟ ଲୁକ୍ ଦେଇଥାଏ। ଏହି ଶାଢିର ପଲ୍ଲୁ ଓ ବର୍ଡରରେ ଡେନିମ୍‌ର ଡିଟେଲିଙ୍ଗ୍ ହୋଇଥାଏ। ତା'ସହିତ ଏହା ଉପରେ ଡେନିମ୍ ଜ୍ୟାକେଟ୍ ପିନ୍ଧିଦେଲେ ଏହା ଲୁକ୍‌କୁ ଆହୁରି ସୁନ୍ଦର କରି ଦେଇଥାଏ। ଖାସ୍‌କରି ଏମ୍ବ୍ରୋଏଡୋରୀ କାମ ହୋଇଥିବା ଡେନିମ୍ ଜ୍ୟାକେଟ୍‌କୁ ଶାଢି ଉପରେ ପିନ୍ଧିଲେ ଟିକେ ଡିଫରେଣ୍ଟ ଲୁକ୍ ମିଳିଥାଏ।

**କିଛି ଟିପ୍ସ**

– ଡେନିମ୍ ଡିଜାଇନ୍‌ର ଶାଢି ସାଙ୍ଗକୁ ମେଟାଲିକ୍ କିମ୍ବା ସିଲଭର୍ ଜୁଏଲେରୀ ପିନ୍ଧିଲେ ଲୁକ୍ ବେଶ୍ ସୁନ୍ଦର ଦେଖାଯାଇଥାଏ।

– ଲେଦର ଆସେସରିଜ୍ ବି ଏହି ଟାଇପ୍‌ର ଶାଢି ସାଙ୍ଗକୁ ଭଲ ମାନିଥାଏ।



ଅନନ୍ୟା

# ହାଃ ହାଃ

## ନେଭି

ଗୋଟେ ପେଣ୍ଠି କୁକୁଡା ବତକ ସହ ବାହା ହୋଇଗଲା।

ଗଞ୍ଜା କୁକୁଡା– ଆମେ କ'ଣ ମରିଯାଇଥିଲୁ ଯେ, ତୁ ବତକ ସହ ବାହା ହେଲୁ ?

ପେଣ୍ଠି କୁକୁଡା– ମୋର ବି ଇଚ୍ଛା ଥିଲା ତୁମ ସହ ବାହା ହେବାକୁ। ହେଲେ ମୋ ମା' ଚାହୁଁଥିଲେ ପୁଅ ନେଭିରେ ଥିବ।

## ହଙ୍ଗାମା

ମୋହନ ପପୁକୁ– ଆରେ ସାଙ୍ଗ ମୋ ଜୀବନ ପୂରା ବୋରିଂ ହେଇଗଲାଣି। କିଛି ଏକ୍ସାଇଟ୍‌ମେଣ୍ଟ ନାହିଁ, ମଜା ନାହିଁ କି ହଙ୍ଗାମା ନାହିଁ। କ'ଣ କରିବି କହିଲୁ ?

ପପୁ– ଗୋଟେ କାମ କର, ମୋବାଇଲରେ 'ଆଇ ଲଭ୍ ୟୁ' ଲେଖି ସ୍ପେସ୍ ଦେବୁ। ଆଉ ଗର୍ଲଫ୍ରେଣ୍ଡର ନାଁ ଲେଖି ସ୍ତ୍ରୀକୁ ପଠେଇ ଦେବୁ। ଦେଖିବୁ ତୋ ଲାଇଫ୍‌ରେ ଖାଲି ହଙ୍ଗାମା ହିଁ ହଙ୍ଗାମା ହେବ।

## ପରିବର୍ତ୍ତନ

ଯୋଗ ଗୁରୁ ମଦୁଆର ସ୍ତ୍ରୀକୁ– ଅନେକ ଦିନ ହେବ ଆପଣଙ୍କ ସ୍ୱାମୀ ମୋ ପାଖରେ ଯୋଗ କରୁଛନ୍ତି। ତାଙ୍କ ମଦ ପିଇବା ଅଭ୍ୟାସରେ କିଛି ପରିବର୍ତ୍ତନ ଆସିଥିବା ଅନୁଭବ କଲେଣି ?

ମଦୁଆର ସ୍ତ୍ରୀ– ହଁ। ସେ ଆଗଭଳି ଆଉ ସିଧା ବସିକି ମଦ ପିଉ ନାହାନ୍ତି। ଏବେ ମୁଣ୍ଡ ତଳକୁ ଗୋଡ଼ ଉପରକୁ କରି ମଦ ପିଉଛନ୍ତି।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।







# ଜିରୋ

**ଅରୁଣାଚଳ ପ୍ରଦେଶର ସୁବାନସିରି ଜିଲା ଅନ୍ତର୍ଗତ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ହେଉଛି ଜିରୋ ନାମକ ଏକ ସ୍ଥାନ। ପ୍ରକୃତପକ୍ଷେ ଏହା ହେଉଛି ଏକ ଉପତ୍ୟକା; ଯାହାର ପ୍ରାକୃତିକ ସୁନ୍ଦରତା, ଶାନ୍ତ ପରିବେଶ କାହାକୁ ବି ଆନମନା କରିଦେବ...**







ପାଇନ୍ ଜଙ୍ଗଲରେ ପରିପୂର୍ଣ୍ଣ ଉଚ୍ଚ ଉଚ୍ଚ ପାହାଡ ଦ୍ୱାରା ଘେରି ହୋଇ ରହିଥିବା ଜିରୋ ଉପତ୍ୟକା ହେଉଛି ଅରୁଣାଚଳ ପ୍ରଦେଶସ୍ଥିତ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ଏଠାକାର ଶାନ୍ତ ବାତାବରଣ ସାଙ୍ଗକୁ ନାତିଶୀତୋଷ୍ଣ ଜଳବାୟୁ ବେଶ୍ ମନୋରମ ଲାଗିଥାଏ। ଖାସ୍ କରି ଏଠାରେ ବସବାସ କରୁଥିବା ଅପାଟାନି ଜନଜାତିମାନଙ୍କର ସଂସ୍କୃତି ଓ ପରମ୍ପରା ବେଶ୍ ମନଛୁଆଁ ହୋଇଥାଏ ; ଯାହାକି ପର୍ଯ୍ୟଟକଙ୍କୁ ଖୁବ୍ ପସନ୍ଦ ଆସିଥାଏ। ସେମାନଙ୍କର ବ୍ୟବହାର ବି ଖୁବ୍ ହୃଦୟଛୁଆଁ ହୋଇଥାଏ। ସେଥିପାଇଁ ପ୍ରାୟତଃ ଏଠାରେ ପର୍ଯ୍ୟଟକଙ୍କର ଭିଡ଼ ଦେଖିବାକୁ ମିଳେ।

## ଏଠାରେ କ'ଣ ଦେଖିବେ

ମୁଖ୍ୟତଃ ପାଇନ୍ ଜଙ୍ଗଲ ଓ ଉଚ୍ଚ ଉଚ୍ଚ ପାହାଡରେ ଘେରା ଜିରୋ ଉପତ୍ୟକାରେ ପର୍ଯ୍ୟଟକ ବହୁ ବନସ୍ପତି ବୃକ୍ଷ ତଥା କେତେକ ବିରଳ ପ୍ରଜାତିର ପଶୁପକ୍ଷୀଙ୍କୁ ଦେଖିବାର ସୁଯୋଗ ପାଇଥାନ୍ତି। ତା'ଛଡ଼ା ଏହି ଉପତ୍ୟକା ନିକଟ ଦେଇ ଏକ ନଦୀ ପ୍ରବାହିତ ହୋଇଥାଏ ; ଯାହାର ଶୀତଳ ଓ ସ୍ୱଚ୍ଛ ମିଠା ଜଳକୁ କେବଳ ପାନୀୟ ଜଳ ଭାବେ ବ୍ୟବହୃତ କରାଯାଏ ତାହା ନୁହେଁ, ଏହା ପର୍ଯ୍ୟଟକଙ୍କୁ ଅନେକ ଆମୋଦ ପ୍ରମୋଦ ମଧ୍ୟ ପ୍ରଦାନ କରିଥାଏ। ଯେମିତିକି ପର୍ଯ୍ୟଟକ ଏହି ନଦୀରୁ ମାଛ ଧରି ପାରିବେ, ଏଥିରେ ଚାହିଁଲେ ବୋଟିଂ ବି କରିପାରିବେ। ତା'ଛଡ଼ା ଏହି ନଦୀ କୂଳରେ ବସି ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତରର ଅପୂର୍ବ ଶୋଭାକୁ ଉପଭୋଗ କରିବା ବି ପର୍ଯ୍ୟଟକଙ୍କୁ ନିଆରା ଆନନ୍ଦ ପ୍ରଦାନ କରିଥାଏ।

**✻ ଅପାଟାନିଙ୍କ ନିଆରା ସଂସ୍କୃତି:** ଅପାଟାନି ଜନଜାତିର ଲୋକମାନେ ଜିରୋ ଉପତ୍ୟକାରେ ବସବାସ କରୁଥିବା ଏକ ସ୍ୱଦେଶୀ ସମୁଦାୟ। ସେମାନେ ଏହି କ୍ଷେତ୍ରରେ ଦେଖିବାକୁ ମିଳୁଥିବା କେତେକ ପ୍ରମୁଖ ଆଦିବାସୀମାନଙ୍କ ମଧ୍ୟରୁ ଅନ୍ୟତମ ହୋଇଥାନ୍ତି। ଖାସ୍‌କରି ଏମାନଙ୍କର ସଂସ୍କୃତି, ରୀତିନୀତି ଏବଂ ଜୀବନକୁ ନିଆରା ଢଙ୍ଗରେ ଜିଇଁବାର ଶୈଳୀ ହିଁ ଏମାନଙ୍କୁ ସ୍ୱତନ୍ତ୍ରତା ପ୍ରଦାନ କରିଥାଏ। ଖାସ୍‌କରି ଅପାଟାନି ଜନଜାତିର ମହିଳାମାନେ ନାକରେ ବାଉଁଶରେ ତିଆରି ଏକ ସ୍ୱତନ୍ତ୍ର ଧରଣର ଅଳଙ୍କାର ପିନ୍ଧିଥାନ୍ତି ; ଯାହା ସେମାନଙ୍କୁ ଅନ୍ୟମାନଙ୍କଠାରୁ ଭିନ୍ନ କରିଥାଏ।

**✻ ଟ୍ରେକିଂର ଆନନ୍ଦ ନିଆରା:** ଏଠାରେ ଟ୍ରେକିଂ କରିବାକୁ ବହୁତ ସୁବିଧା ରହିଛି। ଖାସ୍ ସେଥିପାଇଁ ଏଠାରେ ଟ୍ରେକିଂ ପ୍ରିୟ ପର୍ଯ୍ୟଟକଙ୍କର ବେଶ୍ ଗହଳି ପରିଲକ୍ଷିତ ହୋଇଥାଏ।

**✻ ଫୁଲର ପସରା:** ଶୀତଦିନେ କୁଆଡ଼େ ଏଠାରେ ନାନା କିସମର ରଙ୍ଗବେରଙ୍ଗର ଫୁଲ ଫୁଟିଥାଏ। ପର୍ଯ୍ୟଟକ ଚାହିଁଲେ ଏହି ସମୟରେ ଏଠାକୁ ଯାଇ ନୂଆ ନୂଆ ଫୁଲ ଦେଖି ନିଆରା ଆନନ୍ଦ ଲଭିବାର ସୁଯୋଗ ପାଇପାରିବେ।

## ଅର୍ଥନୀତି

ଏଠାକାର ବାସିନ୍ଦା ମୁଖ୍ୟତଃ ପର୍ଯ୍ୟଟନରୁ ଭଲ ଦୁଇ ପଇସା ରୋଜଗାର କରିଥାନ୍ତି। ତା'ଛଡ଼ା ଏଠାରେ ଧାନ ଚାଷ କୁଆଡ଼େ ଭଲ ହୋଇଥାଏ। ସେଥିରୁ ବି ଭଲ ପଇସା ମିଳେ।

## କେବେ ଓ କେମିତି ଯିବେ

ବର୍ଷର ବାରମାସ ଏଠାକାର ପାଣିପାଗ ବୁଲାବୁଲି କରିବାକୁ ବେଶ୍ ଅନୁକୂଳ ରହୁଥିଲେ ହେଁ, ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ରର ମତାନୁଯାୟୀ, ଅକ୍ଟୋବରରୁ ମେ' ହେଉଛି ଏଠାକୁ ବୁଲିଯିବା ପାଇଁ ପ୍ରକୃଷ୍ଟ ସମୟ। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି। ଅରୁଣାଚଳ ପ୍ରଦେଶର ରାଜଧାନୀ ଇଟାନଗରଠାରୁ ପ୍ରାୟ ୧୧୫ କି.ମି ଦୂରରେ ଥିବା ଏହି ସ୍ଥାନକୁ ସଡ଼କପଥ ହେଉ କି ରେଳପଥ ଅଥବା ଆକାଶପଥରେ ମଧ୍ୟ ଯାଇହେବ। ନାହାରଲାଗୁନ ରେଲୱେ ଷ୍ଟେଶନ ହେଉଛି ଏଠାକାର ନିକଟତମ ରେଳଷ୍ଟେଶନ। ସେହିପରି ନିକଟତମ ଏୟାରପୋର୍ଟ ହେଉଛି ଜିରୋ ଏୟାରପୋର୍ଟ।

## କେଉଁଠି ରହିବେ

ପର୍ଯ୍ୟଟକଙ୍କ ରହିବା ପାଇଁ ଏଠାରେ ଖୁବ୍ ସୁନ୍ଦର ସୁନ୍ଦର କଟେଜ୍‌ର ବ୍ୟବସ୍ଥା ରହିଛି। ତା' ସହିତ ଇଣ୍ଡିଆନ୍ ହେଉକି ଚାଇନିଜ୍ ସବୁପ୍ରକାର ଖାଇବାର ସୁବିଧା ଏଠାରେ ଉପଲବ୍ଧ ଅଛି। କିନ୍ତୁ ଏଥିପାଇଁ ପୂର୍ବରୁ ବୁକିଂ କରିବାକୁ ହୋଇଥାଏ।



# ପକ୍ଷୀମାନେ 'ଭି' ଆକାରରେ ଉଡ଼ନ୍ତି କାହିଁକି





ପକ୍ଷୀମାନେ ଭି ଆକାରରେ ଉଡ଼ିବା ପଛରେ ଭିନ୍ନ ଭିନ୍ନ କାରଣ ଥିବା କୁହାଯାଏ । ଏହା ଉପରେ ବିଭିନ୍ନ ସମୟରେ ବୈଜ୍ଞାନିକମାନେ ନାନା ଗବେଷଣା ବି କରିଛନ୍ତି । ଆଉ ଜଣାପଡ଼ିଛି ଯେ, ଏହି ଶେପ୍‌ରେ ରହି ଉଡିଲେ ପକ୍ଷୀମାନେ ସହଜରେ ଉଡ଼ିପାରନ୍ତି । ଏଭଳି ଉଡ଼ିବା ସମୟରେ ସବୁଠୁ ଆଗରେ ଥିବା ପକ୍ଷୀ ଅନ୍ୟ ପକ୍ଷୀଙ୍କୁ ଗାଇଡ୍ କରେ । ଲଣ୍ଡନ କଲେଜ ଅଫ୍ ଭେଟେନାରୀର ପ୍ରଫେସର ଜେମ୍ସ ଉଶରଉଡ୍ସ କହନ୍ତି, 'ପକ୍ଷୀମାନେ ଏଭଳି ଉଡ଼ିବା ଦ୍ୱାରା ପବନର ପ୍ରତିରୋଧ ଶକ୍ତି କମ୍ ହୁଏ । ପରସ୍ପର ଦ୍ୱାରା ଉତ୍ପନ୍ନ ପବନ ବି କମେ । ଫଳରେ ଚଢ଼େଇଙ୍କ ଉଡ଼ିବା ସହଜ ହୁଏ । ଏହାବାଦ ଏଭଳି ଉଡ଼ିଲେ ପକ୍ଷୀଙ୍କୁ ସାମ୍ନା ଭାଗ ଭଲରେ ଦେଖାଯାଏ । ଅର୍ଥାତ୍ ପକ୍ଷୀଗୁଡ଼ିକ ପଛକୁ ପଛ  ରହିବା ଦ୍ୱାରା ସାମ୍ନାରେ ଥିବା ପକ୍ଷୀ ଯାହା ଦେଖିପାରନ୍ତି ପଛ ଚଢ଼େଇ ବି ତାହା ଦେଖିପାରନ୍ତି । ଫଳରେ ସେମାନଙ୍କୁ ସହଜରେ ଶିକାରୀ ଓ ବିପଦରୁ ରକ୍ଷା ପାଇବାରେ ସାହାଯ୍ୟ ମିଳିଥାଏ । ତା'ସହ ଏଭଳି ଉଡ଼ିବା ଯୋଗୁ ପରସ୍ପର ସହ ଯୋଗାଯୋଗ କରିବା ବି ସହଜ ହୁଏ । ଆଉ ଗ୍ରୁପ୍‌ର ମୁଖ୍ୟଙ୍କୁ ଅନୁସରଣ କରିବା ସହଜ ହୁଏ । କିଛି ବୈଜ୍ଞାନିକ ଏହା ବି କୁହନ୍ତି ଯେ, ଗ୍ରୁପ ହୋଇ ଉଡୁଥିବା ଚଢ଼େଇଙ୍କ ଭିତରେ ଆଗରେ ଥିବା

**ଆକାଶ ବକ୍ଷରେ ଉଡୁଥିବା ଦଳ ଦଳ ଚଢେଇଙ୍କୁ ଦେଖିଥିବେ ନିଶ୍ଚୟ। ହେଲେ କେବେ ଧ୍ୟାନ ଦେଇଛନ୍ତି ସେମାନେ ଅନେକ ସମୟରେ 'ଭି' ଆକାରରେ ଉଡ଼ନ୍ତି । ତେବେ ସେମାନେ ଏମିତି କାହିଁକି ଉଡ଼ନ୍ତି ଜାଣନ୍ତୁ ସେ ସମ୍ପର୍କରେ...**

ଚଢ଼େଇ ଅନ୍ୟ ପକ୍ଷୀଙ୍କୁ ଲିଡ କରେ । ଯେବେ ସେ ଥକିଯାଏ ଅନ୍ୟ ଚଢେଇ ତା' ସ୍ଥାନ ନିଅନ୍ତି । ଆଉ ଏକ ଖାସ୍ କଥା ହେଲା  ସେଇ ଚଢେଇମାନେ ବେଶି ଭି ଆକାରରେ ଉଡ଼ନ୍ତି ଯେଉଁମାନେ ଲମ୍ବା ଯାତ୍ରା କରିଥାନ୍ତି । ଖାସ୍‌କରି ପ୍ରବାସୀ ଚଢେଇମାନେ 'ଭି' ଆକାରରେ ଉଡ଼ି ହଜାର ହଜାର କି.ମି. ବାଟ ଅତିକ୍ରମ କରିଥାନ୍ତି ।



# ନିଜ ପେଟରେ ନିଜ ଯମଜ

ମହାରାଷ୍ଟ୍ର, ନାଗପୁରର ସଞ୍ଜୁ ଭଗତଙ୍କ ଜୀବନ କାହାଣୀ ବେଶ୍ ଅଜବ । ୧୯୬୩ରେ ତାଙ୍କର ଜନ୍ମ । ପ୍ରଥମେ ତ ସେ ଅନ୍ୟ ପିଲାଙ୍କ ପରି ସାଧାରଣ ପିଲାଟିଏ ଥିଲେ । ହେଲେ ଟିକେ ବଡ଼ ହେବାପରେ ତାଙ୍କ ପେଟ ଅନ୍ୟ ପିଲାଙ୍କଠାରୁ କିଛିଟା ବଡ଼ ଦେଖାଗଲା । ସେତେବେଳେ ଏହାକୁ କେହି ନଜର ଦେଇ ନ ଥିଲେ । ହେଲେ ୨୦ ବର୍ଷ ବୟସର ହେବାବେଳକୁ ତାଙ୍କ ପେଟ ଅଧିକରୁ ଅଧିକ ବଡ଼ ହେବାକୁ ଲାଗିଲା । ବ୍ୟାକ୍‌ପେନ୍ ହେଲା । ହେଲେ କେବେ ପେଟରେ ଯନ୍ତ୍ରଣା ହେଉ ନ ଥିଲା । ୩୦ ବର୍ଷ ବୟସ ବେଳକୁ ତାଙ୍କ ପେଟ ଏତେ ବଡ଼ ହେଇଗଲା ଯେ, ଲୋକେ ତାଙ୍କୁ ଗର୍ଭବତୀ କହି ଚିଡାଇବାକୁ ଲାଗିଲେ । ଶେଷରେ ଏହି ପେଟ ପାଇଁ ସେ ଯେବେ ଅଣନିଃଶ୍ୱାସୀ ହେବାପରି ଅନୁଭବ କଲେ ପରିବାର ଲୋକେ ଚିନ୍ତାରେ ପଡିଗଲେ । ତାଙ୍କୁ ଡାକ୍ତରଙ୍କ ପାଖକୁ ନେଲେ । ପ୍ରଥମେ ଡାକ୍ତର ଭାବିଲେ ତାଙ୍କର ଟ୍ୟୁମର ସମସ୍ୟା ଅଛି । ତେଣୁ ଅସ୍ତ୍ରୋପଚାର କରାଗଲା ଟ୍ୟୁମର ବାହାର କରିବାକୁ । ହେଲେ ଯେବେ ପେଟ ଖୋଲାଗଲା ଡାକ୍ତର ଯାହା ଦେଖିଲେ ତାକୁ ବିଶ୍ୱାସ କରିପାରିଲେ ନାହିଁ । ତାଙ୍କ ପେଟ ଭିତରେ ଆଉ ଏକ ମଣିଷ ଛୁଆ ଥିଲା । ହାତ ପୂରେଇ ତାକୁ ବାହାର କରିବାବେଳେ ପ୍ରଥମେ ଗୋଟେ ଗୋଡ, ଏହାପରେ ଦ୍ୱିତୀୟ ଗୋଡ, ପରେ କେଶ, ହାତ ଭଳି ମଣିଷ ଶରୀରର ବିଭିନ୍ନ ଅଙ୍ଗ ବାହାରିଲା । ଡାକ୍ତରମାନେ ଏକ ଇଣ୍ଟରଭ୍ୟୁରେ କହିଛନ୍ତି, 'ଆମେ ଏଭଳି ଦୃଶ୍ୟ ଦେଖି ଚକିତ ଓ ଭୟଭୀତ ହୋଇଯାଇଥିଲୁ । ସଞ୍ଜୁ ଭଗତଙ୍କ ପେଟ ଭିତରେ ତାଙ୍କ ଯମଜ ଭାଇ ରହି ଯାଇଥିଲା । ସଞ୍ଜୁ ବଡ଼ ହେବା ସହ ତାଙ୍କ ଯମଜ ଭାଇ ତାଙ୍କ ପେଟରେ ବଢୁଥିଲା । ଏଭଳି ସ୍ଥିତିକୁ 'ଭାନିଶିଂ ଟ୍ୱିନ ସିଣ୍ଡ୍ରୋମ' ଅବା 'ଫୋଏଟସ୍ ଫେଟୁ' କୁହାଯାଏ । ଯେଉଁଥିରେ ଯମଜ ଭ୍ରୂଣ ମଧ୍ୟରୁ ଗୋଟିଏ ଭ୍ରୁଣ ଅନ୍ୟ ଭ୍ରୂଣ ଭିତରକୁ ଚାଲିଆସେ । ଅର୍ଥାତ୍ ଭଗତଙ୍କ ଯମଜ ତାଙ୍କ ଶରୀର ଭିତରେ ରହିଯାଇଥିଲା । ଯାହାକୁ ସେ ଦୀର୍ଘ ୩୬ ବର୍ଷ ନିଜ ପେଟରେ ଧାରଣ କରିଥିଲେ । ଅସ୍ତ୍ରୋପଚାର ପରେ ଏବେ ସେ ଏକ ସାଧାରଣ ଜୀବନ ଅତିବାହିତ କରୁଛନ୍ତି ।



## କଥା ଚାଟ୍



ଓଁ ଅଭିଜ୍ଞାନ ସାହୁ

# ଅସତ୍ୟର ଜୟ

ଓଡ଼ିଶାରେ ବାରମାସରେ ତେରପର୍ବ ପାଳିତ ହୁଏ ସିନା ପାର୍ବଣ ଋତୁ କହିଲେ ନିଃସନ୍ଦେହରେ ଦଶହରାର ଦୁର୍ଗାପୂଜାକୁ ବହୁତ ଗୁରୁତ୍ୱ ମିଳେ। ଦୀପାବଳି, ଧନ୍‌ତେରାସ, ରାଖୀପୂର୍ଣ୍ଣିମା ଭଳି ଦୁର୍ଗାପୂଜା ବାହାର ରାଜ୍ୟରୁ ଆସିଥିବା ଏକ ଉତ୍ସବମୁଖର ପର୍ବ, ଯାହାକୁ ଆମେ ଆମ ପରମ୍ପରାରେ ସେଲିବ୍ରେଶନର ତଡ଼କା ଦେଇ ଏକ ନୂଆ ରୂପ, ନୂଆ ପରିଚୟ ଦେଇଛୁ । ଶୀତ ବଜାରଠାରୁ ମୋବାଇଲ, ଏସି ଆଦି ଗହଣାଗାଣ୍ଠି, ଘରକରଣା ଜିନିଷରେ ଅନ୍‌ଲାଇନ, ଅଫ୍‌ଲାଇନ ଅଫର ପରେ ଅଫର କୁଢ଼େଇହୁଏ । ତେଣେ ଅଜା ଗୋସିବାପା ଅମଳରୁ ଶୁଣିଥିବା ଦଶହରାର ସାତ୍ତ୍ୱିକ ପରମ୍ପରା ତା'ର ଅସ୍ମିତା ଯେମିତି ମୋଟା ରକମର ଚାନ୍ଦା ଆଦାୟ, ଯାନ୍ତ୍ରିକ ବାଜା ଆଲୁଅ, ମଦମାଂସ ଭୋଜି, ମାର୍‌ପିଟ ଭିତରେ ହଜେଇ ଦେଇଛି କହିଲେ ଚଳେ। ମୋଟ୍ ଉପରେ ତାନ୍ତ୍ରିକମାନଙ୍କ ପଞ୍ଚ 'ମ'କାର ବିଧି ଆନୁସାରେ ହେଉଥିବା ଦେବୀ ପୂଜା ଭଳି ଏବେ ଦେବୀଙ୍କ ଆରାଧନା ପଞ୍ଚ 'ମ' କାର (ମଦ, ମାଂସ, ମେଢ଼, ମେଲୋଡି ଓ ମାଡ଼) ଅର୍ପଣ କରି ପାଳିତ ହୁଏ। ଅସ୍ମିତାପ୍ରିୟ ଓଡ଼ିଆ ଲୋକଙ୍କ ଭିତରେ ଦୁର୍ଗାଙ୍କ ଚାନ୍ଦିମେଢ଼, ସୁନାମେଢ଼ର ପ୍ରତିଯୋଗିତା ଦେଖିଲେ ନିଜ ଭିତରେ ପ୍ରଶ୍ନ ଆସୁଛି ସତରେ କ'ଣ ବିପର୍ଯ୍ୟସ୍ତ ଜାଗତିକ ଅର୍ଥନୀତିର ପ୍ରଭାବ ଓ ଦରଦାମ୍ ବୃଦ୍ଧିରେ ରାଜ୍ୟର ସିଂହଭାଗ ଲୋକଙ୍କ ଅବସ୍ଥା ଟଳମଳ !! ଆୟୋଜନର ଆଡ଼ମ୍ବର ଦେଖିଲେ ଟଙ୍କାପୋଡ଼ିରେ ଏସବୁ ସମ୍ଭବ । ଏଇ ପୋଡ଼ାପୋଡ଼ି କଥାରୁ ଆସନ୍ତୁ ଯିବା ରାବଣପୋଡ଼ି ଆଡ଼କୁ, ଯାହା ଦଶହରା ପୂଜାର ଆଉ ଏକ ଆକର୍ଷଣ । ଏଇ କିଛିବର୍ଷ ହେଲା ରାବଣ ପୋଡ଼ିକୁ ଏକ ସ୍ୱତନ୍ତ୍ର ଉତ୍ସବ ଆୟୋଜନ କରି ଆୟୋଜକ ଲକ୍ଷ ଲକ୍ଷ ସଂଖ୍ୟାରେ ଦର୍ଶକ ଠୁଳ କରି ବେପାରରେ ମାତିଛନ୍ତି । ମୀନାବଜାରଠାରୁ ମେଲୋଡି, ଅପେରା, ଦୁନିଆଁ ଜାକର ଚଟପଟି ସୁଦୃଶ୍ୟ ଖାଦ୍ୟମାନଙ୍କ ଷ୍ଟଲ୍‌ର ମେଳା, କେତେ କ'ଣ ପ୍ରଦର୍ଶନୀ ଲଗେଇ ଲୋକଙ୍କ ଲୋଭକୁ ଭିଡୁଛନ୍ତି । ଦେଖାଶିଖା ଜଗତରେ ଗୋଟିଏ ସହରରେ ଦୁଇ ତିନିଟି ରାବଣପୋଡ଼ି ଉତ୍ସବ ପାଳନ ମଧ୍ୟ ହେଲାଣି। ନିଜ ନିଜ ଭିତରେ ପ୍ରତିଯୋଗିତା ଯୋଗୁ ବର୍ଷକୁ ବର୍ଷ ରାବଣର ଆକାର ଓ ଉଚ୍ଚତା ବଢ଼ିବାରେ ମଧ୍ୟ ଲାଗିଲାଣି । ହେବା ଉଚିତ ମଧ୍ୟ । କାରଣ ସମାଜରେ ଅସତ୍ୟ, ଦୁର୍ନୀତି, ଆସୁରିକତା ଯେତିକି ଯେତିକି ବଢୁଛି ସେହି ଅନୁପାତରେ ସେସବୁର ପ୍ରତୀକ ରାବଣର ପ୍ରତିକୃତି କାହିଁକି ନ ବଢ଼ିବ! ଦେଶର ଅନେକ ଜାଗାରେ ରାବଣଙ୍କୁ ମହାଜ୍ଞାନୀ ଓ ମହାଋଷି ଭାବେ ପୂଜା କରାଯାଉଛି । ସେହିପରି ଅନ୍ୟ ଭାଗରେ ରାବଣ ଅଧର୍ମୀ, ଅହଙ୍କାରୀ, ପାପୀ ଅସୁର ବୋଲି ପ୍ରତିବର୍ଷ ରାବଣର ପୁତ୍ତଳିକା ଦାହ କରାଯାଉଛି । ତର୍କପ୍ରିୟ ସାମାଜିକ ଗଣମାଧ୍ୟମଜୀବୀ ନିଜ ନିଜ ଭିତରେ ଏହାକୁ ନେଇ ବାଡ଼ିଆପିଟା ଚଳେଇଛନ୍ତି । ଜଣେ ନାରୀବାଦୀ ଲେଖିକା ଲେଖିଲେ ରାବଣ ମାତା ସୀତାଙ୍କୁ ନିଜ ଅକ୍ତିଆରରେ ରଖିଥିଲେ ବି ସୀତାଙ୍କ ଇଚ୍ଛା ବିନା ତାଙ୍କୁ ସ୍ପର୍ଶ କରି ନ ଥିଲା। ଏହା ତାଙ୍କ ଆଦର୍ଶ ପୌରୁଷର ପରିଚୟ । ରାବଣ ଜାଣିଥିଲା ରାମ ସ୍ୱୟଂ ଈଶ୍ୱରଙ୍କ ଅବତାର, ତଥାପି ନିଜ ଭଉଣୀର ଅପମାନକୁ ମାନି ନ ନେଇ ହୃତ ସମ୍ମାନ ଫେରେଇ ଆଣିବାକୁ ରାମଙ୍କ ସହ ଲଢ଼େଇ କରିଥିଲା । ଏମିତି ଭାଇ ଜଗତେ କାହିଁ ! ତେଣୁ ରାବଣ ଭଳି ଭାଇ ସବୁ ଭଉଣୀଙ୍କୁ ମିଳୁ । ଜଣେ ପ୍ରତିବାଦୀ ଉତ୍ତରରେ ଲେଖିଲେ, ରାବଣ ଭଳି ଉତ୍ତମ ପୁରୁଷକୁ ଭଗବାନ ତୁମକୁ ସ୍ୱାମୀ ହିସାବରେ ଦିଅନ୍ତୁ । ଆପଣଙ୍କର ରାବଣ ଭଳି ପୁଅ ଜନ୍ମ ହେଉ। ଆଉ ଜଣେ ଲେଖିଲେ, ସ୍ୱାର୍ଥରହିତ ପ୍ରେମର ପ୍ରତ୍ୟୁତ୍ତରରେ ଲକ୍ଷ୍ମଣ ଜଣେ ମହିଳାଙ୍କ ନାକ ଓ କାନ କାଟି ଆସୁରିକତା ହିଁ ଦେଖେଇଛନ୍ତି। ନାରୀର ପ୍ରେମ ନିବେଦନକୁ ପ୍ରତ୍ୟାଖ୍ୟାନ କରିବା ପାଇଁ ଏଭଳି ହିଂସା ବୀଭତ୍ସ ! ସେହି ମତକୁ ଦୃଢ଼ ନିନ୍ଦାକରି ଆଉ ପାଞ୍ଚ ଜଣ ଲେଖିଲେ। ସେହି ପୋଷ୍ଟରେ ଆଉ ଜଣେ ମନ୍ତବ୍ୟ ଦେଲେ, ବିବାହିତ ରାମଙ୍କୁ ବିବାହ କରିବା ପାଇଁ ଚାପ ପକାଇବା କ'ଣ ଠିକ୍ ଥିଲା କି? ଏହା ଏକ ଅନୈତିକ କାର୍ଯ୍ୟ ନୁହେଁ କି? ଜଣେ ଲେଖିଲେ, ରାବଣ ମନ୍ଦୋଦରୀଙ୍କ କଥା ମାନିଥିଲେ ଯୁଦ୍ଧରେ ରାବଣର ବଧ ହୋଇ ନ ଥାନ୍ତା । ସେଠି ଆଉ ଜଣେ ଲେଖିଲେ, ଦଶରଥ କୈକେୟୀଙ୍କ କଥା ବିଲ୍‌କୁଲ ନ ଶୁଣିଥିଲେ ମୂଳରୁ ରାମାୟଣ ଲେଖାଯାଇ ନ ଥାନ୍ତା । ନାନା ମୁନିଙ୍କ ନାନା ମତ ଭଳି ଏଯାବତ୍ ମୁନିଋଷି, ପଣ୍ଡିତମାନଙ୍କ ଦ୍ୱାରା ଯେତିକି ରାମାୟଣ ଲେଖାଗଲାଣି, ଯେତିକି ଟିଭି ସିରିଏଲ, ସିନେମା ହେଲାଣି ସେତିକି ସେତିକି ତର୍କ ବଢ଼ିଲାଣି। ବର୍ତ୍ତମାନର ପରିସ୍ଥିତି ଯାହା ମୋତେ ରାବଣ ଚରିତ୍ର ଅଧିକ ନୀତିନିଷ୍ଠ ଓ ଅନୁକରଣୀୟ ଲାଗେ । ରାବଣ ଅହଙ୍କାରୀ ଥିଲେ କିନ୍ତୁ ପଶ୍ଚାତାପ କରିବା ଜାଣିଥିଲେ ।



ରାବଣ ପାଖରେ ପ୍ରଭୁଙ୍କ ପତ୍ନୀଙ୍କୁ ହରଣ କରିବାର ସାହସ ଥିଲା କିନ୍ତୁ ପର ସ୍ତ୍ରୀର ବିନା ସହମତିରେ ତାଙ୍କୁ ନ ଛୁଇଁବାର ସଂକଳ୍ପ ବି ଥିଲା । ସୀତା ଜୀବିତ ଅଯୋଧ୍ୟା ଫେରିଲେ ଏହା ରାମଙ୍କ ବୀରତ୍ୱ ଥିଲା କିନ୍ତୁ ସୀତା ଲଙ୍କାରେ ପବିତ୍ର ଥିଲେ ଏହା ରାବଣର ସଂସ୍କାର ଥିଲା । ହେଲେ ଆଜିର ପରିସ୍ଥିତିରେ ରାମ ହେଉ କି ରାବଣର ଗୁଣ ଗାଉଥିବା ପୁରୁଷ ପାଖରେ କୌଣସି ନାରୀ ଘଣ୍ଟାଏ ବି ସୁରକ୍ଷିତ ନୁହେଁ । ହେଲେ ବିଡ଼ମ୍ବନା ଅସତ୍ୟ ଉପରେ ସତ୍ୟର ଜୟ ନାରା ଦେଇ ଆମେ ରାବଣକୁ ଜଳାଉଛୁ। ଏହି ରାବଣପୋଡ଼ିର ଦାୟିତ୍ୱରେ ଥିବା ମୋର ଜଣେ ସ୍କୁଲ ସାଙ୍ଗ ତା' ଅନୁଭୂତି ବାଣ୍ଟିଥିଲା ଯାହା ମୁଁ ଏଇଠି ବାଣ୍ଟୁଛି । ରାବଣପୋଡ଼ି ପାଇଁ ପଡିଆ ଲୋକାରଣ୍ୟ ଥିଲା । ସାଙ୍ଗକୁ ମୋର ଲାଗୁଥିଲା ସତ ରାବଣମାନେ ମିଶି କାଗଜରାବଣକୁ ଯେମିତି ଜଳାଇବାକୁ ବାହାରିଛନ୍ତି । ପୂରା ପଡ଼ିଆରେ ରାବଣମାନଙ୍କ ଭିଡ଼ ମଝିରେ କାଗଜ ଓ ବାରୁଦରେ ତିଆରି ଏକମାତ୍ର ସତ୍ୟ ଯେମିତି ଅସହାୟ ଭାବେ ଛିଡ଼ା ହୋଇଛି। ରାବଣପୋଡ଼ି ହେବ। ଏ ଧରାରୁ ଅସତ୍ୟ, ଅଧର୍ମ ଲୋପ ପାଇବ। ସତ୍ୟର ସମୟ ଆସିବ। ମାନ୍ୟବର ମନ୍ତ୍ରୀ ଚିତ୍ରାଳୟରୁ ରାମ ବେଶ ହେଇ ଆସି ପହଞ୍ଚିଲେ। ରାବଣ ଦେହରେ ନିଆଁ ଲଗେଇ ଅଧର୍ମ ଉପରେ ଧର୍ମର ବିଜୟର ଭାଷଣ ଦେବେ । ମନ୍ତ୍ରୀ ଦୂରରେ ପ୍ରତୀକାତ୍ମକ ଭାବେ ଖେଳଣା ଧନୁରୁ ତୀର ମାରିବେ । ସେପଟେ ଯନ୍ତ୍ରୀ ବନାମ ମୋ ସାଙ୍ଗ ସ୍ୱିଚ ଟିପିଲେ ରାବଣ ପୁତୁଳା ଦେହରେ ନିଆଁ ଆପେ ଲାଗିବ । ମନ୍ତ୍ରୀଙ୍କ ଜୟ ଜୟ ଧ୍ୱନି ଭିତରେ ନିଆଁଲଗା କାର୍ଯ୍ୟକ୍ରମ ଆରମ୍ଭ ହେଲା । ମନ୍ତ୍ରୀ ଧନୁରୁ ତୀର ମାରିଲେ । ସେପଟେ ଯନ୍ତ୍ରୀ ସ୍ୱିଚ ଟିପିଲେ । କିନ୍ତୁ ଏ କ'ଣ ଅନେକଥର ସ୍ୱିଚ୍ ଟିପିଲା ପରେ ବି ରାବଣ ପୁତୁଳାରେ ନିଆଁ ଲାଗୁନି ! ମନ୍ତ୍ରୀ ପୁନର୍ବାର ତୀର ମାରିଲେ । ଏଥର ବି ସେଇ ଅବସ୍ଥା । ଲୋକ ଭିଡ଼ରୁ ହାସ୍ୟରୋଳ ଉଠିବା ଦେଖି କ୍ରୋଧିତ ମନ୍ତ୍ରୀ ମୋ ସାଙ୍ଗକୁ ଡାକି ବିଡ଼ି ବିଡ଼ି ହୋଇ କାନରେ କହିଲେ, ଯଦି ଏଥର ରାବଣ ନ ଜଳିଲା ତେବେ ଜାଣିଥାଅ ମୁଁ ତୁମକୁ ରାବଣ ଜାଗାରେ ଛିଡାକରି ନିଆଁ ଲଗେଇଦେବି । ବିଚରା ଯନ୍ତ୍ରୀସାଙ୍ଗଟି ମୋର ଚିନ୍ତା ଓ ଭୟରେ ଝାଳନାଳ। ବହୁ ପୂର୍ବରୁ ସବୁ କିଛି ତ ପରୀକ୍ଷା କରାଯାଇଥିଲା । ସବୁ ଠିକ୍ ଥିଲା ହେଲେ ଏବେ କ'ଣ ହେଲା ! ମନେମନେ ରାବଣଙ୍କୁ ଆତୁର ହୋଇ ସ୍ମରଣ କଲା ମୋ ସାଙ୍ଗ। ପ୍ରଭୁ, ଆପଣ ପ୍ରଜାଙ୍କ ନ୍ୟାୟବନ୍ତ ରାଜା ଥିଲେ। ଭଉଣୀର ମର୍ଯ୍ୟାଦା ପାଇଁ ଈଶ୍ୱରଙ୍କ ସହ ଲଢ଼ିଗଲେ । ମୋ ସହ ଏ ଅନ୍ୟାୟ କରନ୍ତୁ ନାହିଁ। ଆପଣଙ୍କ ପାଖରେ କ୍ଷମା ମିଳିବା ସମ୍ଭବ ହେଲେ ଏ ମନ୍ତ୍ରୀ ରୂପକ ରାବଣ ପାଖରେ କ୍ଷମା ନାହିଁ । ନିଜ ସ୍ୱାର୍ଥ ପାଇଁ ସତ ସତ ମୋତେ ଠିଆ ଜାଳିଦେବେ। ମୁଁ ଜାଣିଛି ଆପଣ ଏ ରାବଣମାନଙ୍କଠାରୁ ଲକ୍ଷେ ଗୁଣ ଭଲ। ମୃତ ବ୍ୟକ୍ତିକୁ ଜୀବିତ କରିବା ପାଇଁ ଯାହାଘରେ କୌଣସି ଲୋକ କେବେ ମୃତ୍ୟୁବରଣ କରି ନ ଥିବେ ତାଙ୍କରି ଘରୁ ସୋରିଷ ଆଣିବାକୁ ବୁଦ୍ଧଦେବଙ୍କ ସର୍ତ୍ତ ଭଳି ଆପଣଙ୍କୁ ଜଳେଇବାକୁ ଅଧିକାର କେବଳ ସେଇମାନଙ୍କୁ ଦିଆଯାଉ, ଯେଉଁମାନେ ରାମଙ୍କ ଭଳି ମର୍ଯ୍ୟାଦାବନ୍ତ ହୋଇଥିବେ । କିନ୍ତୁ ଏଠି ସମସ୍ତେ ବିଧର୍ମୀ, ଛଳପ୍ରିୟ ଦୁର୍ନୀତିଗ୍ରସ୍ତ । ପ୍ରତି ରକ୍ତକଣାରେ ଅସତ୍ୟ ଓ ମିଛ ଅହଙ୍କାର ଭର୍ତ୍ତିହୋଇ ରହିଛି । ଅଧର୍ମର ପ୍ରତୀକ ଭାବେ ଆପଣ ଫି' ବର୍ଷ ଜଳୁଛନ୍ତି କିନ୍ତୁ ଅସଲରେ ଆପଣଙ୍କ ସତ୍ୟ ରୂପକୁ ଜାଳିବା ଦ୍ୱାରା ମୋତେ ଲାଗୁଚି ଅଧର୍ମ ବଢ଼ି ବଢ଼ି ଚାଲିଛି । ଆପଣଙ୍କ ଜଳିବା ଏଠି ଉପସ୍ଥିତ ରାବଣମାନଙ୍କ ପାଇଁ ଏକ ମନୋରଞ୍ଜନ ମାତ୍ର । ମୋ ଉପରେ ଦୟା କରନ୍ତୁ ମହାରାଜ । ଏମିତି କେତେ କ'ଣ କହି ରାବଣଙ୍କୁ ସ୍ମରଣ କରି କରି ପୁଣିଥରେ ସ୍ୱିଚ୍ ଟିପିଲା ମୋ ସାଙ୍ଗ । ଏଥର ରାବଣ ପୁତୁଳାରେ ନିଆଁ ଲାଗିଲା । ପ୍ରଭୁ ଶ୍ରୀରାମ ଓ ମନ୍ତ୍ରୀଙ୍କ ଜୟ ଜୟ କାରରେ ଗଗନ ପ୍ରକମ୍ପିତ ହେଲା । ଗହଳିର ଦଳାଚକଟା ଭିତରେ ରାବଣପୋଡ଼ି ଦେଖି ଲୋକେ ଘରକୁ ଫେରିଲେ। ସେପଟେ ମୁଣ୍ଡର ଝାଳ ପୋଛୁ ପୋଛୁ ମୋ ସାଙ୍ଗ ମନକୁ ମନ କହିଲା ଶେଷରେ ସତ୍ୟ ଉପରେ ଅସତ୍ୟର ଜୟ ହେଲା ବୋଲି ଜାଣ ଆଜି ମୋ ଜୀବନ ବଞ୍ଚିଲା।

-ବନମାଳୀ ଭବନ, ଖାନ୍ ନଗର, କଟକ
ମୋ:୯୪୩୭୦୧୦୭୫୮

## ପୁସ୍ତକ ସମୀକ୍ଷା

### ଅଧା ଅଧା ସମ୍ପର୍କ

**ଡକ୍ଟର ନୃସିଂହ ଷଡ଼ଙ୍ଗୀ**
**ପ୍ରକାଶକ– ସତ୍ୟନାରାୟଣ ବୁକ୍ ଷ୍ଟୋର**
**ବିନୋଦ ବିହାରୀ, କଟକ–୨, ମୂଲ୍ୟ– ୧୫୦ ଟଙ୍କା**

'ଅଧା ଅଧା ସମ୍ପର୍କ' ପୁସ୍ତକରେ ୩୮ କବିତା ରହିଛି । କବି ଭାବ ସହ ଶବ୍ଦର ସଂଯୋଗକୁ ଅଧା ଅଧା ସମ୍ପର୍କ ପୁସ୍ତକରେ ନିରୀକ୍ଷଣ କରିଛନ୍ତି। ଶବ୍ଦ–ଖୋଜିଛନ୍ତି ଅନେକ ସମୟକୁ ଅତିକ୍ରାନ୍ତ କରି। କେତୋଟି କବିତାର ଉଦାହରଣ ନିଆଯାଇ ପାରେ ନାଁ ଏ ସମୁଦ୍ର ତୁମପରି ହସେ ନାହିଁ/ଯେତେବେଳେ ହସେ/ ହସେ ଗୋଟେ ଖୋଲା ହସ/ ସେଠି ରାତି ନ ଥାଏ କି ଦିନ ନ ଥାଏ । ସମୁଦ୍ରକୁ କବି ଚମତ୍କାର ଭାବେ ବର୍ଣ୍ଣନା



କରିଛନ୍ତି। ତାର ଢେଉକୁ ଖୋଲା ସହ ସହ ତୁଳନା କରିଛନ୍ତି। ସେମିତି 'ନିଜେ ନିରୁତ୍ତର'ରେ ବର୍ଷ ବର୍ଷର ଚିହ୍ନା ଚୌକି କିଭଳି ଅଚିହ୍ନା ହୋଇଯାଏ ଅବସର ପରେ। ଯେଉଁ କର୍ମଚାରୀ ପ୍ରତିଦିନ ନମସ୍କାର ପକାଏ ସେ କିଭଳି ଅବସର ପରେ କୁଣ୍ଠାବୋଧ କରେ ସେ ବିଷୟରେ ସୁନ୍ଦର ଭାବେ ଲେଖାଯାଇଛି । ଏମିତି ଯେ କୌଣସି କବିତା ପଢ ତାହା ପାଠକକୁ ବାନ୍ଧି ରଖିବ।

### ବାର୍ଦ୍ଧକ୍ୟ ହେବ ଆନନ୍ଦମୟ

**ଡାକ୍ତର ଶୁଭ୍ରାଂଶୁ ଶେଖର ମହାପାତ୍ର**
**ଫ୍ରେଣ୍ଡସ୍ ପବ୍ଲିଶର୍ସ**
**ବିନୋଦ ବିହାରୀ, କଟକ–୨ , ମୂଲ୍ୟ– ୧୦୦**

'ବାର୍ଦ୍ଧକ୍ୟ ହେବ ଆନନ୍ଦମୟ' ଡାକ୍ତର ଶୁଭ୍ରାଂଶୁ ଶେଖର ମହାପାତ୍ରଙ୍କ ପୁସ୍ତକ। ଏଥିରେ ୬ଟି ଅଧ୍ୟାୟ ରହିଛି। ପ୍ରଥମ ଅଧ୍ୟାୟରେ ବାର୍ଦ୍ଧକ୍ୟ ଏକ ଅନୁଚିନ୍ତା, ଦ୍ୱିତୀୟରେ ସନ୍ତୁଳିତ ଖାଦ୍ୟ। ତୃତୀୟରେ ପ୍ରାତଃ ଭ୍ରମଣ, ଚତୁର୍ଥରେ ମାନସିକ ଶାନ୍ତି, ପଞ୍ଚମରେ ଶେଷ ଜୀବନ ଓ ଷଷ୍ଠ ଅଧ୍ୟାୟରେ ବାର୍ଦ୍ଧକ୍ୟ ଉପଯୋଗୀ ଆର୍ଥିକ ପରିଚାଳନା ଆଦି ବିଷୟ ରହିଛି। ପୁସ୍ତକର ଚତୁର୍ଥ ଓ ପଞ୍ଚମ ଅଧ୍ୟାୟ ମୂଲ୍ୟବାନ। ଏଥିରେ ଜୀବନ ଦର୍ଶନର କଥା ଅତି ଚମତ୍କାର ଭାବେ ଲେଖକ



ବର୍ଣ୍ଣନା କରିଛନ୍ତି। ମଣିଷ ପାଖରେ ଯେତେ ଧନ ସମ୍ପଦ ଥାଉ ନା କାହିଁକି ଯଦି ମାନସିକ ଶାନ୍ତି ନ ଥାଏ ତେବେ ସବୁ ଅସାର ମନେ ହୁଏ। ଜୀବନ ସମସ୍ୟା ବହୁଳ। ପ୍ରତ୍ୟେକ ସମସ୍ୟାରେ ବିବ୍ରତ ନ ହୋଇ ଛୋଟ ଛୋଟ ସୁଖଦ ଘଟଣାରେ ସନ୍ତୁଷ୍ଟ ହେଲେ ହିଁ ମିଳେ ସୁଖର ପ୍ରକୃତ ଚାବିକାଠି। ପୁସ୍ତକରେ ଲେଖକ ଏସବୁ ବିଷୟକୁ ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି। ଆଶା ଏହା ପାଠକୀୟ ସ୍ୱୀକୃତି ଲାଭ କରିବ।

### ଗପୁଡି ଝିଅ

**(ଶିଶୁ–କିଶୋର ଉପନ୍ୟାସ)**
**ନଗେନ୍ଦ୍ର ନାଥ ପଟ୍ଟନାୟକ, ପ୍ରକାଶକ– ଲିପିକା, ନିଜିଗଡକୁରୁଝି**
**ହରିରାଜପୁର, ଜଟଣୀ, ପୁରୀ –୫୦, ମୂଲ୍ୟ–୧୨୦ ଟଙ୍କା**

'ଗପୁଡି ଝିଅ' ନଗେନ୍ଦ୍ର ନାଥ ପଟ୍ଟନାୟକଙ୍କ ଶିଶୁ –କିଶୋର ଉପନ୍ୟାସ। ଏଥିରେ ଶିଶୁର ମନସ୍ତତ୍ତ୍ୱକୁ ଗୁରୁତ୍ୱ ଦିଆଯାଇଛି। ନିନି ବୋଲି ଗୋଟେ ଛୋଟ ଝିଅ କିଭଳି ଅତ୍ୟଧିକ ଗପି ସମସ୍ତଙ୍କ ମୁଣ୍ଡ ବ୍ୟଥାର କାରଣ ହୋଇଛି ସେ ବିଷୟରେ ପୁସ୍ତକରେ ଖୁବ୍ ସୁନ୍ଦର ଭାବେ ବର୍ଣ୍ଣନା କରାଯାଇଛି । ଯେମିତିକି ନିନି ଦିନେ ସ୍କୁଲରୁ ଘରକୁ ଫେରୁଥାଏ। ତାଙ୍କ ଗାଁର ଜଣେ ଧୀବର ନଦୀ କୂଳରେ ମାଛ ଧରିବାକୁ ଜଗି ବସିଥାଏ। ମାଛଗୁଡିକ ପାଣିରେ ଉବୁଟୁବୁ ହୋଇ ଉପରକୁ ଉଠିଥିବା ବେଳେ ଧୀବର ଜାଲ ପକାଇବାକୁ



ଉଦ୍ୟମ କରିଥିଲା। ହେଲେ ନିନି ସେହି ସମୟରେ ଏମିତି ପାଟି କଲା ଯେ, ମାଛଗୁଡିକ ସବୁ ଗଭୀର ଜଳ ଭିତରକୁ ପଶିଗଲେ। ଫଳରେ କେଉଟ ନିନି ଉପରେ ବିରକ୍ତି ଭାବ ପ୍ରକାଶ କଲା। ସେ ନିନିକୁ ଧରି ତା ବାପାଙ୍କ ପାଖକୁ ଆସି ଅଭିଯୋଗ କଲା। ବାପା ନିନିକୁ ତାଗିଦ କଲେ । ପୁସ୍ତକଟି ଛୋଟ ପିଲାଙ୍କ ଲାଗି ଏକ ଚମତ୍କାର ଉପନ୍ୟାସ। ଯାହା ସୁଖପାଠ୍ୟ ହେବ ବୋଲି ଆଶା।

ବ୍ୟାକ୍ ପେଜ୍

# ଭାଲୁ ସ୍ଲିପିଂ ବ୍ୟାଗ୍

ଜଙ୍ଗଲକୁ ଯଦି କ୍ୟାମ୍ପିଂରେ ଯାଉଛନ୍ତି ତେବେ ବନ୍ୟଜନ୍ତୁଙ୍କ ଭୟ ବେଶି ଥାଏ । ଆଉ ଯଦି ସେଠି ଭାଲୁ ଥାଆନ୍ତି ତ କ୍ୟାମ୍ପିଂ ବିପଜ୍ଜନକ ହୋଇପାରେ । ତଥାପି କେତେଜଣ ସାହସୀ ମଣିଷ ଏଭଳି ସ୍ଥାନକୁ କ୍ୟାମ୍ପିଂ ପାଇଁ ଯିବା ବନ୍ଦ କରନ୍ତି ନାହିଁ । ଏହାକୁ ନଜରରେ ରଖି ଆସି ଯାଇଛି ଏମିତି ଏକ ସ୍ଲିପିଂ ବ୍ୟାଗ୍, ଯାହାକି କ୍ୟାମ୍ପିଂବେଳେ ଶୋଇବା ସମୟରେ ଭାଲୁ ଆକ୍ରମଣରୁ ରକ୍ଷା କରିବ । କାରଣ ଏହି ସ୍ଲିପିଂ ବ୍ୟାଗ ଦେଖିବାକୁ ପୂରାପୂରି ଭାଲୁ ପରି । ଅର୍ଥାତ୍ ଭାଲୁପରି ପାଟି,



ଆଖି, ନାକ, କାନ, ଦାନ୍ତ ଆଦି ଏହି ସ୍ଲିପିଂ ବ୍ୟାଗ୍‌ରେ ଅଛି । ଏହା ଭିତରେ ଶୋଇଲେ ବ୍ୟକ୍ତି ବ୍ୟାଗ୍ ଭିତରେ ସମ୍ପୂର୍ଣ୍ଣ ଭାବେ ଲୁଚିଯିବେ । ତେଣୁ ବ୍ୟକ୍ତି ଦେଖାଯିବେ ନାହିଁ । ଲାଗିବ ସତେ ଯେମିତି ଭାଲୁଟିଏ ଶୋଇଛି । ଯଦ୍ୱାରା ହୁଏତ ଭାଲୁ ନିଜର ଭାଇ ବନ୍ଧୁ ଭାବି ଆପଣଙ୍କର କିଛି କ୍ଷତି ନ କରି ଛାଡି ଦେଇପାରେ । ଅବା ଏମିତି ବି ହୋଇପାରେ ଭାଲୁ ଆପଣଙ୍କୁ ତା'ର ସାଙ୍ଗ ଭାବି ଟାଣି ମଧ୍ୟ ପାରେ । ତେଣୁ କ୍ୟାମ୍ପିଂବେଳେ ଏହି ସ୍ଲିପିଂ ବ୍ୟାଗରେ ଶୋଇବା ପୂର୍ବରୁ ୧୦ ଥର ଭାବିବାର ଆବଶ୍ୟକତା ରହିଛି ।






# ଡଙ୍କି ବାସ୍କେଟବଲ୍

ବାସ୍କେଟବଲ୍ ଖେଳକୁ ଅନେକେ ଭଲ ପାଆନ୍ତି । ସାଙ୍ଗସାଥୀଙ୍କ ସହ ଟିମ୍ ହୋଇ ଅନେକେ ଖେଳିଥିବେ ମଧ୍ୟ । ହେଲେ ଏଠାରେ ଯେଉଁ ବାସ୍କେଟ୍ ବଲ କଥା କୁହାଯାଉଛି ତାହା ସମ୍ପୂର୍ଣ୍ଣ ଭିନ୍ନ । ଏଥିରେ ବାସ୍କେଟ ବଲ୍ ଖେଳାଯାଏ ଗଧ ପିଠିରେ ବସି । ୧୯୩୦ ମସିହାରେ ଏକ ଅବସରକାଳୀନ ଖେଳଭାବେ ଏହାର ଆରମ୍ଭ ମଧ୍ୟପଶ୍ଚିମ ଆମେରିକାରେ ହୋଇଥିଲା । ତାହା ବେଶ୍ ଲୋକପ୍ରିୟ ବି ହୋଇପାରିଥିଲା । ତେବେ ଏଭଳି ଖେଳିବା ସମୟରେ ଅନେକଥର ଗଧଗୁଡ଼ିକ ପଡ଼ି ଯାଆନ୍ତି । ଗଧମାନେ ସାଧାରଣତଃ ୬୮ କି.ଗ୍ରା. ଭାର ବହନ କରିପାରନ୍ତି । ହେଲେ ତାଙ୍କ ଉପରେ ଅଧିକ ଓଜନର ମଣିଷ ବସି ଖେଳିବାଯୋଗୁ ଗଧଗୁଡ଼ିକ ଅନେକ ଚାପ ଓ କଷ୍ଟ ସହନ୍ତି । ଅନେକ ସମୟରେ ଗଧଙ୍କୁ ଟଣାଓଟରା କରାଯାଏ, କାନ ଓ ଲାଞ୍ଜ ବି ଟଣାଯାଏ । ଏମିତିକି ମ୍ୟାଚ୍ ଚାଲିଥିବାବେଳେ ଯେମିତି ମଳତ୍ୟାଗ ନ କରନ୍ତି ତାଙ୍କୁ ଖାଇବାକୁ ମଧ୍ୟ ଦିଆଯାଏ ନାହିଁ । ଫଳରେ ପରବର୍ତ୍ତୀ ସମୟରେ ପେଟା ଏହି ଖେଳକୁ ପ୍ରାଣୀଙ୍କ ପ୍ରତି ଅତ୍ୟାଚାର କହିଥିଲା । ହେଲେ ଲୋୱା ଅଧିବାସୀ ଏହାକୁ ଖାତିର କରି ନ ଥିଲେ । ଏହି ଖେଳ ତାଙ୍କ ସଂସ୍କୃତିର ଏକ ଅଂଶ ଓ ସେମାନେ ଏହି ଖେଳ ବଜାୟ ରଖିବେ ବୋଲି ମତ ଦେଇଥିଲେ ।






# ଖାଇପାରିବେ ଏହି ଏଫ୍‌୧ କାର୍‌କୁ

ଏଫ୍‌୧ କାର୍ ରେସ୍ ଦେଖିବାକୁ ପ୍ରାୟ ସମସ୍ତେ ଭଲ ପାଆନ୍ତି । ଏହାକୁ ଦେଖିବାବେଳେ ମନରେ ଜୋଶ୍ ଭରିଯାଏ । ହେଲେ ଏହା ଏକ ବିପଜ୍ଜନକ ଖେଳ । ଏହାର କାର୍‌ଗୁଡ଼ିକ ସାଧାରଣ କାର୍‌ଠାରୁ ଭିନ୍ନ ହୋଇଥାଏ ; ଯାହାକି ସମସ୍ତଙ୍କୁ ଆକର୍ଷିତ କରେ । ତେବେ ଏଠି ଯେଉଁ ଏଫ୍‌୧ କାର୍ ଦେଖୁଛନ୍ତି ତାକୁ ଦ୍ରୁତ ବେଗରେ ଚଳାଇ ହେବନି । ହେଲେ ଏହାକୁ ଖାଇ ପାରିବେ । ଭାବୁଥିବେ ଏହା କେମିତି ସମ୍ଭବ ବୋଲି । କଥା କ'ଣ କି ଉକ୍ତ କାର୍‌ଟି ତିଆରି ହୋଇଛି ବ୍ରେଡ୍‌ରେ । ସିଙ୍ଗାପୁର, ସ୍କଟ୍ସରେ ଏହା ପ୍ରଦର୍ଶିତ ହୋଇଥିଲା । ୬ ଜଣ ସେଫ୍, ୨ ଜଣ ଟେକ୍ନିସିଆନ୍, ୫ ଜଣ ଭଲ୍ୟୁଣ୍ଟିୟର୍ ଟିମ୍ ମିଶି ଏହି ବ୍ରେଡ୍ ଏଫ୍‌୧ ରେସିଂ କାର୍‌ଟି ତିଆରି କରିଛନ୍ତି । ଏହି ବ୍ରେଡ୍ କାର୍ ଏସିଆର ସବୁଠୁ ବଡ଼ ବୋଲି କୁହାଯାଉଛି । ଏହି ଲାଇଫ ସାଇଜ୍ ବ୍ରେଡ୍ ରେସିଂ କାର୍‌କୁ ତିଆରି କରିବା ଲାଗି ୧୫ କେଜି ଇଷ୍ଟ, ୧୪ ଲିଟର ପାଣି, ୨ କେ.ଜି. ଲୁଣ ଏବଂ ୧୦୮୦୦ ଏମ୍‌ଏଲ ଫୁଡ ଭାର୍ନିଶ ସହ ଏଥିରେ ୧୦୦୦ ଲୋଭ୍‌ସ, ୨୨ ପ୍ରକାରର ବ୍ରେଡ୍ ବ୍ୟବହାର ହୋଇଛି । ୧୫୦୦୦ ଡଲାର ମୂଲ୍ୟର ଏହି କାର୍‌କୁ ତିଆରି କରିବା ଲାଗି ୫୪୯ ଘଣ୍ଟା ସମୟ ଲାଗିଥିଲା ।